Daily Edition:
RNI No.ODIODI/2010/33791

ଗୁରୁବାର, ୧୨ ଜାନୁଆରୀ, ୨୦୨୩
ଭାଗ ୧୩, ସଂଖ୍ୟା ୧୩୭

Thursday 12 January - 2023
Volume XIII, Issue No 137

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ସମ୍ବତ ୨୦୭୯
ଧନୁ ୨୮, ୫ମୀ

www.srutinews.com

# ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଖବରକାଗଜ



ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଯୁବ ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହେଲା ହକି ବିଶ୍ୱକପ୍



କଟକ/ଭୁବନେଶ୍ୱର, ୧୧/୧(ଶ୍ରୁ.ମି.) : ଆରମ୍ଭ ହୋଇଛି ବହୁ ପ୍ରତିକ୍ଷୀତ ହକି ମହାକୁମ୍ଭ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ କଟକର ଐତିହାସିକ ବାରବାଟୀ ଷ୍ଟିଡିୟମ୍ ରେ ହକି ବିଶ୍ୱକପ୍ ସମାରୋହ ଆରମ୍ଭ ହୋଇଛି। ବୁଧବାର ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମାରୋହକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଏହି ଆୟୋଜନରେ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ। ଓଡ଼ିଶାରେ ହକି ବିଶ୍ୱକପ୍ ର ଆୟୋଜନ ହେଉଥିବାରୁ ମୁଁ ବହୁତ ଖୁସି ଅନୁଭବ କରୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ଉଦଘାଟନୀ ସମାରୋହରେ ଯୋଗଦେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେତେ ବି ବିଶ୍ୱକପ୍ ହୋଇଛି, ଓଡ଼ିଶାରେ ସବୁଠାରୁ ଭବ୍ୟ ଆୟୋଜନ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଂଟରନ୍ୟାସନାଲ ଫେଡେରେସନ ଅଫ ହକି (ଏଫ୍ଆଇଏଚ୍) ସଭାପତି ତୟାବ ଇକ୍ରମ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ୫ଟି ସଚିବ ଭିକେ ପାଣ୍ଡିଆନ, କ୍ରୀଡା ସଚିବ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ରହିଥିଲେ। ହକି ବିଶ୍ୱକପ୍ ର ଉଦଘାଟନୀ ସମାରୋହ ଦେଖିବା ପାଇଁ ବାରବାଟୀ ଷ୍ଟାଡିୟମ୍ ଲୋକାରଣ୍ୟ ହୋଇଥିଲା। ଓଡ଼ିଶା ଓ ଓଡ଼ିଶା ବାହାରର ଶିଳ୍ପୀମାନଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣରେ ସମ୍ପୂର୍ଣ୍ଣ ବାରବାଟୀ ଷ୍ଟାଡିୟମ ପରିସର ଆନନ୍ଦମୁଖର ହୋଇଉଠିଛି। ସଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଦର୍ଶକମାନେ ଅପରାହ୍ଣ ସାଢ଼େ ୨ଟାରେ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ଅପରାହ୍ଣ ୩ଟାରୁ ନୃତ୍ୟ-ସଂଗୀତର ତାଳେତାଳେ ଝୁମି ଉଠିଥିଲେ ଦର୍ଶକ। ଉଦଘାଟନୀ ଉତ୍ସବ ପାଇଁ ଉଭୟ ବଲିଉଡ ଓ ଓଲିଉଡର ପ୍ରତିଷ୍ଠିତ କଳାକାର ଅଂଶଗ୍ରହଣ କରିଥିଲେ। ଆଜିର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ ଅଭିନେତା ରଣବୀର ସିଂହ, ଅଭିନେତ୍ରୀ ଦିଶା ପଟାନୀ ଓ ସଂଗୀତ ନିର୍ଦ୍ଦେଶକ ପ୍ରିତମ୍। ପ୍ରଥମେ ଅରୁଣା ମହାନ୍ତି ଓ ନମିତା ମେଲେକାଙ୍କ ନେତୃତ୍ୱରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ସ୍ମିତି ମିଶ୍ରଙ୍କ ଦ୍ୱାରା ସଂଗୀତ ପରିବେଶ ଓ ପରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଋତୁରାଜ ମହାନ୍ତି, ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ଲିସା ମିଶ୍ର ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ।





ସୂଚନାଯୋଗ୍ୟ ଯେ କି ବିଶ୍ୱକପ୍-୨୦୨୩ର ମ୍ୟାଚଗୁଡ଼ିକ ଜାନୁଆରୀ ୧୩ ତାରିଖ ଠାରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ଉଭୟ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡ଼ିୟମ ଓ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ୍ ଗୁଡିକ ଖେଳାଯିବ।

## ମିଳିଲା କ୍ୟାବିନେଟ୍ ମଞ୍ଜୁରୀ

# ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ନାଁରେ ନାମିତ ହେବ କୋଲକାତାର ଜାତୀୟ ପାନୀୟ ଜଳ, ପରିମଳ ଏବଂ ଗୁଣବତା କେନ୍ଦ୍ର

ନୂଆଦିଲ୍ଲୀ ,୧୧/୧(ଏଜେନ୍ସି) : କୋଲକାତାର ଜୋକା ଠାରେ ଥିବା ଜାତୀୟ ପାନୀୟ ଜଳ, ପରିମଳ ଏବଂ ଗୁଣବତା କେନ୍ଦ୍ରର ନାମକୁ ମରୋଣତର ସମ୍ମାନ ରୂପରେ ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀ ଜାତୀୟ ଜଳ ଏବଂ ପରିମଳ ସଂସ୍ଥା (ଏସ୍ପିଏମ୍ - ନିବାସ) ନାମ ରୂପେ ପରିବର୍ତ୍ତନକୁ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛନ୍ତି।

ପଶ୍ଚିମବଙ୍ଗର କୋଲକାତା, ଜୋକା, ଡାଇମଣ୍ଡ ହାରବର୍ ରୋଡ୍ ରେ ୮.୭୨ ଏକର ଜମିରେ ଏହି ପ୍ରତିଷ୍ଠାନ ସ୍ଥାପନ କରା ଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଅନୁଷ୍ଠାନକୁ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ, ପାନୀୟ ଜଳ, ପରିମଳ ଏବଂ ସ୍ୱଚ୍ଛତା କ୍ଷେତ୍ରରେ ରାଜ୍ୟ / କେନ୍ଦ୍ର ଶାସିତ ଅଂଚଳରେ ଦକ୍ଷତା ବିକାଶ ପାଇଁ ଏକ ପ୍ରମୁଖ ସଂସ୍ଥା ଭାବରେ ଧାର୍ଯ୍ୟ କରାଯାଇଛି । ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରିବାରେ ନିୟୋଜିତ କେବଳ ଆଗ ଧାଡିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ନୁହେଁ, ବରଂ ଗ୍ରାମାଂଚଳ ତଥା ସହରାଂଚଳର ସ୍ଥାନୀୟ ପ୍ରତିନିଧି ମାନଙ୍କ ପାଇଁ ମଧ ଏହି କ୍ଷମତା ଧାର୍ଯ୍ୟ କରାଯାଇଛି। ସେହି ଅନୁଯାୟୀ, ତାଲିମ ଭିତ୍ତିଭୂମି ଏବଂ ଆର ଆଣ୍ଡ ଡି ବ୍ଲକ୍ ଏବଂ ଏକ ଆବାସିକ



କମ୍ପ୍ଲେକ୍ସ ସହିତ ଉପଯୁକ୍ତ ଭିତ୍ତିଭୂମି ଢାଂଚା ବିକାଶ କରା ଯାଇଛି। ଏହି ଅନୁଷ୍ଠାନରେ ପ୍ରଶିକ୍ଷଣକୁ ସୁଗମ କରିବା ପାଇଁ ଜଳ ସ୍ୱଚ୍ଛତା ଏବଂ ପରିମଳ (ୱାଶ୍) ଟେକ୍ନୋଲୋଜିର କାର୍ଯ୍ୟ ଏବଂ କ୍ଷୁଦ୍ର ମଡେଲ ଗୁଡିକ ମଧ୍ୟ ସ୍ଥାପିତ ହୋଇଛି।

ପଶ୍ଚିମବଙ୍ଗର ଅନ୍ୟତମ ଯୋଗ୍ୟ ପୁତ୍ର ତଥା ଜାତୀୟ ଏକୀକରଣ, ଶିକ୍ଷାୟନ ପାଇଁ ପ୍ରେରଣା, ଶ୍ୟାମା ପ୍ରସାଦ ମୁଖାର୍ଜୀ ଜଣେ ପ୍ରତିଷ୍ଠିତ ବିଦ୍ୱାନ ତଥା ଶିକ୍ଷାବିତ୍ ତଥା କଲିକତା ବିଶ୍ୱ ବିଦ୍ୟାଳୟର ସର୍ବ କନିଷ୍ଠ କୁଳପତି ଥିଲେ। ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ନାମରେ ଅନୁଷ୍ଠାନର ନାମକରଣ କରିବା, ତାଙ୍କର ସଙ୍କୋଚତାର ଅଖଣ୍ଡତା ଏବଂ ଅନୁଷ୍ଠାନର କାର୍ଯ୍ୟଶୈଳୀର ପ୍ରତିବଦ୍ଧତାକୁ ଗ୍ରହଣ କରି ତାଙ୍କୁ ସମ୍ମାନିତ କରିବା ସମଗ୍ର ହିତାଧିକାରୀ ମାନଙ୍କର ସମୂହଙ୍କୁ ପ୍ରେରଣା ଯୋଗାଇବ। ଡିସେମ୍ବର ୨୦୨୨ ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅନୁଷ୍ଠାନ ଉଦ୍ଘାଟିତ ହୋଇଛି ।

# ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଲା ଧବଳେଶ୍ୱର ପୀଠ



ଭୁବନେଶ୍ୱର, ୧୧/୧(ଶ୍ରୁ.ମି.) : ଆଜିଠାରୁ ପ୍ରସିଦ୍ଧ ଧବଳେଶ୍ୱର ପୀଠ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଛି। ସର୍ବସାଧାରଣ ଦର୍ଶନ ପାଇଁ ଆଠଗଡ ଉପଜିଲ୍ଲାପାଳ ଅନୁମତି ଦେଇଛନ୍ତି। ମହାନଦୀ ମଧ୍ୟରେ ଅସ୍ଥାୟୀ ରାସ୍ତା ଦେଇ ଲୋକେ ଧବଳେଶ୍ୱରଙ୍କ ଦର୍ଶନ କରିପାରିବେ ବୋଲି ସୂଚନା ଦିଆଯାଇଛି।

ଉଲ୍ଲେଖନୀୟ ଯେ ଆସନ୍ତା ମକର ସଂକ୍ରାନ୍ତି ଠାରୁ ପୀଠ ଖୋଲିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ନିର୍ମାଣାଧୀନ ଅସ୍ଥାୟୀ ରାସ୍ତା କାମ ଯୁଦ୍ଧକାଳୀନ ଭିତ୍ତିରେ ସରିଥିବାରୁ ପ୍ରଶାସନ ଆଗୁଆ ମନ୍ଦିରକୁ ପ୍ରବେଶ ଅନୁମତି ଦେଇଥିବା ଜଣା ପଡିଛି ।

ମିଳିଥିବା ସୂଚନା ଅନୁସାରେ ମଂଚେଶ୍ୱର ନଦୀ ଘାଟରୁ ପାଇକରାପୁର ପଠା ଏବଂ ସେଠାରୁ ଧବଳେଶ୍ୱର ପଠାକୁ ସଂଯୋଗ କରାଯାଇଥିବା ଅସ୍ଥାୟୀ ରାସ୍ତାରେ ଶ୍ରଦ୍ଧାଳୁ ମାନେ ଚାଲି ଚାଲି ଯାଇ ଧବଳେଶ୍ୱରଙ୍କ ଦର୍ଶନ କରିପାରିବେ। ଝୁଲାପୋଲ ଅସୁରକ୍ଷିତ ଦର୍ଶାଇ ନଭେମ୍ବର ୧ ତାରିଖ ଠାରୁ ଧବଳେଶ୍ୱରଙ୍କ ପୀଠକୁ ସର୍ବସାଧାରଣଙ୍କ ଲାଗି ଦର୍ଶନ ବନ୍ଦ ରଖାଯାଇଥିଲା। ୧୪୪ ଧାରା ଲଗାଇ ଶ୍ରଦ୍ଧାଳୁଙ୍କ ପାଇଁ କଟକଣା ଲଗାଯାଇଥିଲା। ସେପଟେ ଧବଳେଶ୍ୱରଙ୍କ ମନ୍ଦିର ଖୋଲିବା ନେଇ ବାରମ୍ବାର ବିଭିନ୍ନ ସଂଗଠନ ସହ ପୂଜକ ସମାଜ ପକ୍ଷରୁ ଦାବି ହୋଇ ଆସୁଥିଲା।

# ଏକ ଜାତୀୟ ସ୍ତରର ବହୁ-ରାଜ୍ୟ ବିହନ ସୋସାଇଟି ଗଠନ ପ୍ରସ୍ତାବକୁ କ୍ୟାବିନେଟର ଅନୁମୋଦନ

ନୁଆଦିଲ୍ଲୀ ,୧୧/୧(ଏଜେନ୍ସି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଆଜି ଏଠାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏକ ଜାତୀୟ ସ୍ତରର ବହୁ ରାଜ୍ୟ ସମବାୟ ବିହନ ସୋସାଇଟି ଗଠନ କରିବା ସଂକ୍ରାନ୍ତ ଏକ ଐତିହାସିକ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ସୋସାଇଟି ବହୁ ରାଜ୍ୟ ସମବାୟ ସମିତି ଆଇନ (ଏମ୍ଏସ୍ସିଏସ୍) - ୨୦୦୨ ଅନୁସାରେ ଗଠିତ ହେବ ଏବଂ କେନ୍ଦ୍ର ସରକାର ଏହାକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବେ। ଏହି ସୋସାଇଟି ଉନ୍ନତମାନର ବିହନ ଉତ୍ପାଦନ, ସଂଗ୍ରହ, ପ୍ରକ୍ରିୟାକରଣ,ବ୍ରାଣ୍ଡିଂ, ଲେବଲିଂ, ପ୍ୟାକେଜିଂ, ଭଣ୍ଡାରଣ, ଉତ୍ପାଦନ ପାଇଁ ଗବେଷଣା ଓ ଉନ୍ନୟନ କାମ କରିବା ସହିତ ଦେଶୀ ପ୍ରାକୃତିକ ବିହନର ସଂରକ୍ଷଣ ତଥା ପ୍ରୋତ୍ସାହନ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବ। ଏହି କାମରେ ଦେଶର ବିଭିନ୍ନ ସ୍ତରର ସମବାୟ ସମିତିଗୁଡିକୁ ଏହି ଶୀର୍ଷ ସଂଗଠନରେ ନିୟୋଜିତ କରିବ ଏବଂ କୃଷି ମନ୍ତ୍ରଣାଳୟ ସହିତ ଭାରତୀୟ କୃଷି ଗବେଷଣା ପରିଷଦ, ଜାତୀୟ ବିହନ ନିଗମ ଓ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥା ଓ ସଂଗଠନ ନିଜ ନିଜର ଯୋଜନା ମାଧ୍ୟମରେ ଏଥିପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇବେ। ଏହି ସମସ୍ତ କାର୍ଯ୍ୟ ସାମଗ୍ରିକ ସରକାର ଆଭିମୁଖ୍ୟରେ କାର୍ଯ୍ୟକାରୀ ହେବ।

ପ୍ରଧାନମନ୍ତ୍ରୀ ଏହି ବୈଠକରେ ମତ ଦେଇଛନ୍ତି ଯେ ଦେଶର ଚାଷୀଙ୍କୁ ଓ ଦେଶକୁ ବିଭିନ୍ନ ପ୍ରକାର ଉତ୍କୃଷ୍ଟ ବିହନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ "ସହକାର ସେ ସମୃଦ୍ଧି" ଆଭିମୁଖ୍ୟରେ କାମ ହେବା ଉଚିତ। ଦେଶର ସମବାୟ ବ୍ୟବସ୍ଥାକୁ ଏକ ସଫଳ ବ୍ୟାବସାୟିକ ଢାଞ୍ଚାରେ ପକାଇ କାମ କଲେ କୃଷି ଓ ତତ୍ ?ସଂକ୍ରାନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିବ ଏବଂ ଗ୍ରାମ୍ୟ ଅର୍ଥନୀତି ସମୃଦ୍ଧ ହେବ।

ପ୍ୟାକ୍ସରୁ ଆପେକ୍ସ - ଏହା ପ୍ରାଥମିକ କୃଷିଋଣ ସୋସାଇଟି ବା ପାକ୍ସରୁ ଆପେକ୍ସ ସଂସ୍ଥା /ଶୀର୍ଷ ସଂସ୍ଥା ସଂଗଠନ ଭାବେ କାର୍ଯ୍ୟ କରିବ। ଏଥିରେ ପ୍ରାଥମିକ ସୋସାଇଟି, ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତର ମହାସଂଘ ତଥା ବହୁ ରାଜ୍ୟ ସମବାୟ ସମିତି ମାନ ମଧ ଏହାର ସଦସ୍ୟ ହେବାକୁ ଯୋଗ୍ୟ ହେବେ। ଏହି ସମସ୍ତ ସମବାୟ ସମିତିର ନିର୍ବାଚିତ ପ୍ରତିନିଧିମାନେ ସୋସାଇଟିର ବୋର୍ଡରେ ପ୍ରତିନିଧିତ୍ୱ ସୁଯୋଗ ବାଏ-ଲ (ନିୟମ) ଅନୁସାରେ ପାଇବେ।ଏହି ଜାତୀୟ ବହୁରାଜ୍ୟ ସମବାୟ ବିହନ ନିଗମ ସିଡ୍ ରିପ୍ଲେସମେଣ୍ଟ ରେଟ୍(ବିହନ ପରିବର୍ତ୍ତନ ହାର) ଓ ଭେରାଇଟି ରିପ୍ଲେସମେଣ୍ଟ ରେଟ(ବିବିଧତା ପରିବର୍ତ୍ତନ ହାର)କୁ ପ୍ରୋତ୍ସାହିତ କରି ଉତ୍ପାଦନରେ ଥିବା ତାରତମ୍ୟ ଦୂର କରି ଉତ୍ପାଦକତା ବୃଦ୍ଧି ଦିଗରେ କାମ କରିବ। ଏହା ମଧ୍ୟ ସହକାର-ସେ-ସମୃଦ୍ଧି" ଲକ୍ଷ୍ୟ ପୂରଣ ପାଇଁ ସମବାୟ ଭିତ୍ତିକ ସମାବେଶୀ ଅଭିବୃଦ୍ଧି ମଡେଲକୁ କାମରେ ଲଗାଇବ। ଏହା ମଧ୍ୟ ସହଳ କିସମର ଅଧିକ ଅମଳକ୍ଷମ ବିହନ ଉତ୍ପାଦନ, ସଂଗ୍ରହ, ବିକ୍ରିବଟା ଓ ଯୋଗାଣ କାମ ଦେଖିବା ସହିତ ଏହାର ମାନ ଉପରେ ନଜର ରଖି ଚାଷୀ ଯେପରି ଠିକ୍ ସମୟରେ ଆବଶ୍ୟକ ପରିମାଣର ଉତ୍କୃଷ୍ଟମାନର ବିହନ ଉଚିତ ମୂଲ୍ୟରେ ପାଆନ୍ତି ସେ କାର୍ଯ୍ୟ ମଧ ଦେଖିବ। ବିହନ ବ୍ୟାବସାୟରୁ ଯେଉଁ ଲାଭ ମିଳିବ ତାହାକୁ ସବୁ ସଦସ୍ୟ ସମିତି ମଧ୍ୟରେ ବଣ୍ଟାଯିବ।

ଏହାଫଳରେ ସମବାୟ ଓ କୃଷି କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବିହନରେ ଭାରତ ଆତ୍ମନିର୍ଭର ହେବା ସହିତ ବିଦେଶୀ ବଜାର ଉପରୁ ନିର୍ଭରଶୀଳତା କମିବ। ଏହି ପ୍ରୟାସ ଦ୍ୱାରା ଅର୍ଥନୀତିର ଉନ୍ନତି ଆସିବା ସହିତ "ମେକ୍ ଇନ୍ ଇଣ୍ଡିଆ" ଓ 'ଆତ୍ମନିର୍ଭର ଭାରତ' ଲକ୍ଷ୍ୟପୂରଣ ହୋଇପାରିବ।

# ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୧୧/୧(ଶ୍ରୁ.ମି.) : ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ଉଜ୍ଜ୍ୱଳପୁର ବନାଂଚଳ ଅଧିକାରୀ ସଂଗ୍ରାମ କେଶରୀ ମଣିହୀରାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ବୁଧବାର ସକାଳୁ ଚଢାଉ କରାଯାଇଛି। ଭିଜିଲାନ୍ସର ଟିମ ସଂଗ୍ରାମ କେଶରୀଙ୍କ ଆବାସିକ କାର୍ଯ୍ୟାଳୟ ସମେତ ସମ୍ବଲପୁର, ବଲାଙ୍ଗୀର ଓ ସୁନ୍ଦରଗଡର ପାଂଚଟି ସ୍ଥାନରେ ଏକ ସାଥିରେ ଚଢାଉ କରାଯାଉଥିବା ନେଇ ସୂଚନା ଦିଆଯାଇଛି। ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ଚଢାଉ କାର୍ଯ୍ୟରେ ୫ ଜଣ ଡିଏସପି, ୮ ଜଣ ଇନିସ୍ପେକ୍ଟର, ୨ ଏସଆଇ ଓ ଅନ୍ୟ କର୍ମଚାରୀ ମାନେ ନିୟୋଜିତ ଅଛନ୍ତି। ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସର୍ଚ୍ଚ ୱାରେଂଟ ବଳରେ ଏହି ଚଢାଉ କରାଯାଇଛି। ଚଢାଉ ଜାରୀ ରହିଥିବା କାରଣରୁ ଏ ସମ୍ପର୍କରେ ସବିଶେଷ ତଥ୍ୟ ମିଳି ପାରି ନାହିଁ।

# ଡା. ସୁଧାଂଶୁ ଶେଖର ମିଶ୍ର ଏସସିବିର ନୂଆ ଅଧୀକ୍ଷକ

ଭୁବନେଶ୍ୱର, ୧୧/୧(ଶ୍ରୁ.ମି.) : ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନୂଆ ଅଧୀକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ଏସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡା. ମିଶ୍ର ବର୍ତ୍ତମାନ ନ୍ୟୁରୋ ସର୍ଜରୀ ବିଭାଗରେ କାର୍ଯ୍ୟରତ ।

# ରୁପେ ଡେବିଟ କାର୍ଡ ଏବଂ ଭୀମ-ୟୁପିଆଇ ନେଣଦେଣକୁ ବଢ଼ାଇବା ଲାଗି ପ୍ରୋତ୍ସାହନ ଯୋଜନାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରି



ନୂଆଦିଲ୍ଲୀ , ୧୧/୧(ଏଜେନ୍ସି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ କେନ୍ଦ୍ର କ୍ୟାବିନେଟ ଏପ୍ରିଲ ୨୦୨୨ ଠାରୁ ଗୋଟିଏ ବର୍ଷର ଅବଧି ନିମନ୍ତେ ରୁପେ ଡେବିଟ୍ କାର୍ଡ ଏବଂ କମ ମୂଲ୍ୟ ବିଶିଷ୍ଟ ଭୀମ-ୟୁପିଆଇ ନେଣଦେଣ (ବ୍ୟକ୍ତିଙ୍କ ଠାରୁ ବ୍ୟବସାୟୀ)କୁ ବଢ଼ାଇବା ଲାଗି ପ୍ରୋତ୍ସାହନ ଯୋଜନାକୁ ମଞ୍ଜୁର କରିଛନ୍ତି ।

ରୂପେ ଡେବିଟ୍ କାର୍ଡ ଏବଂ କମ୍ ମୂଲ୍ୟ ବିଶିଷ୍ଟ ଭୀମ-ୟୁପିଆଇ ନେଣଦେଣ (ପିଟୁଏମ)କୁ ପ୍ରୋତ୍ସାହନ ଦେବା ନିମନ୍ତେ ମଞ୍ଜୁର ପ୍ରୋତ୍ସାହନ ଯୋଜନାର ଆର୍ଥିକ ବ୍ୟୟବରାଦ ୨,୬୦୦ କୋଟି ଟଙ୍କା ରହିଛି । ଏହି ଯୋଜନା ଅଧୀନରେ ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ରୂପେ ଡେବିଟ୍ କାର୍ଡ ଏବଂ କମ ମୂଲ୍ୟର ଭୀମ ୟୁପିଆଇ ନେଣଦେଣ (ପିଟୁଏମ)ର ଉପଯୋଗ କରି ପଏଣ୍ଟ ଅଫ୍ ସେଲ (ପିଓଏସ) ଏବଂ ଇ-କମର୍ସ ନେଣଦେଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଅଧିଗ୍ରହିତ କରୁଥିବା ବ୍ୟାଙ୍କମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ।

ଅର୍ଥ ମନ୍ତ୍ରୀ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ୍ ସମୟରେ ଦେଇଥିବା ନିଜ ଭାଷଣରେ, ଚଳିତ ବଜେଟରେ ଘୋଷିତ ଡିଜିଟାଲ ପରିଶୋଧ ନିମନ୍ତେ ଆର୍ଥିକ ସହାୟତା ଜାରି ରଖିବା ନିମନ୍ତେ ସରକାରଙ୍କ ଉଦ୍ଦେଶ୍ୟର ଘୋଷଣା କରିଥିଲେ। ଏଥିରେ ଶସ୍ତା ଓ ବ୍ୟବହାରକାରୀଙ୍କ ପାଇଁ ଅନୁକୂଳ ଅର୍ଥପଇଠ ପ୍ଲାଟଫର୍ମର ବ୍ୟବହାର ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପରୋକ୍ତ ବଜେଟ୍ ଘୋଷଣାର ଅନୁପାଳନ ପାଇଁ ଏହି ଯୋଜନାକୁ ପ୍ରସ୍ତୁତ କରାଯାଇଛି।

୨୦୨୧-୨୨ ଆର୍ଥିକ ବର୍ଷରେ, ସରକାର ଡିଜିଟାଲ ନେଣଦେଣକୁ ଆହୁରି ବଢ଼ାଇବା ନିମନ୍ତେ ଆର୍ଥିକ ବର୍ଷ ୨୦୨୧-୨୨ ବଜେଟ୍ ଘୋଷଣାକୁ ଅନୁପାଳନ କରି ଏକ ପ୍ରୋତ୍ସାହନ ଯୋଜନାକୁ ମଞ୍ଜୁର କରିଥିଲେ। ଯାହାଫଳରେ, ମୋଟ୍ ଡିଜିଟାଲ ଅର୍ଥପଇଠ କାରବାରରେ ୫୯ ପ୍ରତିଶତ ବାର୍ଷିକ ବୃଦ୍ଧି ଦେଖିବାକୁ ମିଳିଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୫,୫୫୪ କୋଟି ଟଙ୍କାରୁ ବୃଦ୍ଧି ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୮,୮୪୦ କୋଟି ଟଙ୍କା ହୋଇଯାଇଛି। ଭୀମ-ୟୁପିଆଇ କାରବାର ୧୦୬ ପ୍ରତିଶତ ବାର୍ଷିକ ବୃଦ୍ଧି ଦେଖିବାକୁ ମିଳିଛି, ଯାହାକି ୨୦୨୦-୨୧ରେ ୨,୨୩୩ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୧-୨୨ରେ ୪,୫୯୭ କୋଟି ଟଙ୍କାରେ ପହଞ୍ଚିଛି। ଡିଜିଟାଲ ପଇଠ ପ୍ରଣାଳୀର ବିଭିନ୍ନ ଅଂଶୀଦାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଡିଜିଟାଲ ଅର୍ଥ ପଇଠ ସଂକ୍ରାନ୍ତ ଇକୋସିଷ୍ଟମର ବିକାଶ ଉପରେ ଶୂନ୍ୟ ଏମଡିଆର ଶାସନର ସମ୍ଭାବ୍ୟ ପ୍ରତିକୂଳ ପ୍ରଭାବ ବିଷୟରେ ଚିନ୍ତା ବ୍ୟକ୍ତ କରିଛନ୍ତି। ଏହାବ୍ୟତୀତ, ନେସନାଲ ପେମେଣ୍ଟସ୍ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ) ଭୀମ-ୟୁପିଆଇ ଏବଂ ରୂପେ ଡେବିଟ୍ କାର୍ଡ ନେଣଦେଣକୁ ପ୍ରୋତ୍ସାହିତ କରିବା ଦିଗରେ ଇକୋସିଷ୍ଟମ ସହ ଜଡ଼ିତ ଅଂଶୀଦାରମାନଙ୍କ ନିମନ୍ତେ ମିତବ୍ୟୟୀ ମୂଲ୍ୟ ପ୍ରସ୍ତାବ ପ୍ରସ୍ତୁତ କରିବା, ବ୍ୟବସାୟୀଙ୍କ ଦ୍ୱାରା ଏହାର ଗ୍ରହଣୀୟତା ବଢ଼ାଇବା ଏବଂ ନଗଦ ପଇଠ ସ୍ଥାନରେ ଡିଜିଟାଲ ପରିଶୋଧ କରିବା ନିମନ୍ତେ ଅନୁରୋଧ କରିଥିଲା।

ଭାରତ ସରକାର ସାରା ଦେଶରେ ଡିଜିଟାଲ ଅର୍ଥ କାରବାରକୁ ପ୍ରୋତ୍ସାହନ ଦେବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରୁଛି। ବିଗତ ବର୍ଷଗୁଡ଼ିକରେ, ଡିଜିଟାଲ ଅର୍ଥପଇଠ କାରବାରରେ ବ୍ୟାପକ ବୃଦ୍ଧି ଦେଖିବାକୁ ମିଳିଛି।

# ନବରଙ୍ଗପୁର ଜିଲ୍ଲାରେ ସ୍କୁଲ୍ ବସ୍ ଭାରସାମ୍ୟ ହରାଇ ଗଛରେ ପିଟିଲା, ୧୫ ସ୍କୁଲ୍ ଛାତ୍ରଛାତ୍ରୀ ଆହତ

ଭୁବନେଶ୍ୱର, ୧୧/୧(ଶ୍ରୁ.ମି.) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ଏକ ସ୍କୁଲ୍ ବସ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବା କାରଣରୁ ୧୫ ଜଣ ସ୍କୁଲ୍ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଆହତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ବୋଲି ଜଣାପଡ଼ିଛି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଛି । ମିଳିଥିବା ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ମୋହରା ନିକଟରେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁସାରେ, ଆଜି ଏକ ଘରୋଇ ବସ୍ ଚନ୍ଦାହାଣ୍ଡି ଅଂଚଳର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଚନ୍ଦାହାଣ୍ଡି ଫଟକି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଯାଉଥିଲା। ଏହି ସମୟରେ ବସ୍ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲା। ଫଳରେ ୧୫ ଜଣ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି।

# ବି.ଏସ୍.କେ.ୱାଇ ରେ ଠକାମି ବା ଜାଲିଆତି ଉପରେ କଡ଼ା ନଜର ରଖ : ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୧୧/୧(ଶ୍ରୁ.ମି.) : ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟନ୍ୱୟନ ନାମରେ କୌଣସି ପ୍ରକାର ଜାଲିଆତି ବା ଠକାମିର ସମ୍ଭାବନା ଉପରେ କଡ଼ା ନଜର ରଖିବାପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ କାର୍ଯ୍ୟରତ ବି.ଏସ୍.କେ.ୱାଇ. ଟିମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଠକାମି ବିରୁଦ୍ଧରେ କ୍ଲିନିକାଲ୍ ଏଷ୍ଟାବ୍ଲିସମେଂଟ୍ ଆଇନ ଏବଂ ବି.ଏସ୍.କେ.ୱାଇ. ପ୍ରବର୍ତନ ବ୍ୟବସ୍ଥା ଅନୁସାରେ ଏପରି ଠକ ମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ଶାସନ ସଚିବ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀମତୀ ପଣ୍ଡିତ କହିଛନ୍ତି ଯେ "ରାଜ୍ୟବାସୀଙ୍କୁ ସାର୍ବଜନୀନ ଗୁଣାତ୍ମକ ଚିକିତ୍ସା ଯୋଗାଇବା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର । ଏଥିପାଇଁ ଉପଯୁକ୍ତ ଆର୍ଥିକ ଓ ପ୍ରଶାସନ ବ୍ୟବସ୍ଥା ସହ ବି.ଏସ୍.କେ.ୱାଇ. ଯୋଜନା ଚାଲୁରହିଛି। ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କରାଯାଇଥିବା ସୁବିଧାର ଅପବ୍ୟବହାର ବା ବି.ଏସ୍.କେ.ୱାଇ. ନାମରେ ଠକେଇକୁ କୌଣସି ସ୍ଥିତିରେ ବରଦାସ୍ତ କରାଯିବ ନାହିଁ, ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। "କାର୍ଡ଼ ବିଷୟରେ କୌଣସି ସନ୍ଦେହ ବା ପ୍ରଶ୍ନ ଥିଲେ ସିଧାସଳଖ ଟୋଲ-ଫ୍ରି ନମ୍ବର ବା ଜିଲ୍ଲା ସଂଯୋଜକଙ୍କ ସହ ଯୋଗଯୋଗ କରିବାକୁ ଶ୍ରୀମତୀ ପଣ୍ଡିତ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂଯୋଜକମାନେ ସାଧାରଣତଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କର୍ତବ୍ୟରତ ଥାଆନ୍ତି। ସ୍ୱାସ୍ଥ୍ୟମିତ୍ରମାନେ ସାଧାରଣତଃ ବି.ଏସ୍.କେ.ୱାଇ. ତାଲିକାଭୁକ୍ତ ଘରୋଇ ହସ୍ପିଟାଲ ମାନଙ୍କରେ ବି.ଏସ୍.କେ.ୱାଇ. କାଉଂଟର ଠାରେ ଉପସ୍ଥିତ ରହି ସେବା ଯୋଗାଇ ଥାଆନ୍ତି। ଯେଉଁ ପରିବାରଙ୍କର ବି.ଏସ୍.କେ.ୱାଇ. ସ୍ମାର୍ଟକାର୍ଡ଼ ଅଛି ବା ଯେଉଁମାନେ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁବିଧା ପାଇଁ ଯୋଗ୍ୟ। କାର୍ଡ଼ ସମ୍ବନ୍ଧିତ କୌଣସି ସନ୍ଦେହ ବିଷୟ ୧୫୫୩୬୯ ଟୋଲ-ଫ୍ରି ନମ୍ବରକୁ ସିଧାସଳଖ ଜଣାଇଲେ ତାହାର ସଠିକ ସମାଧାନ ଦେବ। ଲୋକମାନେ ଦେୟମୁକ୍ତ ଚିକିତ୍ସା ପାଇଁ ପସନ୍ଦ ଅନୁସାରେ ତାଲିକାଭୁକ୍ତ ହସପିଟାଲକୁ ଯିବା ପୂର୍ବରୁ ମଧ ୧୦୪ ନମ୍ବର ମାଧ୍ୟମରେ ପ୍ରାକ୍-ଯୋଗଯୋଗ କରି ବୁଝିପାରିବେ। ନହେଲେ ଜରୁରୀ ସ୍ଥିତିରେ ସିଧା ସଳଖ ହସ୍ପିଟାଲରେ ପହଂଚି ସ୍ୱାସ୍ଥ୍ୟମିତ୍ରଙ୍କ ସହାୟତା ନେଇପାରିବେ। ବି.ଏସ୍.କେ.ୱାଇ. ବାବଦରେ ନିଜର ଅଭିଯୋଗ ବା ପ୍ରଶ୍ନ ୧୪୫୪୫ କୁ ଜଣାଇ ପାରିବେ। ଏହାଛଡ଼ା, ଟ୍ୱିଟର ଆକାଉଂଟ ବା ଫେସବୁକ୍ ଆକାଉଂଟ ମାଧ୍ୟମରେ ବି କାର୍ଡ଼ଧାରୀମାନେ ନିଜର ଅଭିଯୋଗ ଓ ମତାମତ ଜଣାଇ ପାରିବେ। ଏହି ସବୁ ନାଗରିକ-କୈନ୍ଦ୍ରୀକ ଯୋଗାଯୋଗ ପଏଂଟ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଶ୍ରୀମତୀ ପଣ୍ଡିତ ବି.ଏସ୍.କେ.ୱାଇ. ଟିମକୁ ନିର୍ଦ୍ଦେଶ ଦେଇଛନ୍ତି।

# କୋର୍ଟରେ ଭିସି ମାଧ୍ୟମରେ ହାଜର ହେଲେ ଅର୍ଚ୍ଚନା ନାଗ , ଜଗବନ୍ଧୁ ଓ ଖଗେଶ୍ୱର

ଭୁବନେଶ୍ୱର, ୧୧/୧(ଶ୍ରୁ.ମି.) : ମନି ଲଣ୍ଡରିଂ ମାମଲାରେ କୋର୍ଟରେ ହାଜର ହୋଇଛନ୍ତି ଲେଡି ବ୍ଲାକ୍ ମେଲର ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ପାତ୍ର। ଇଡି ପକ୍ଷରୁ ଚାଲିଥିବା ମନି ଲଣ୍ଡରିଂ ମାମଲାରେ ଭିସି ମାଧ୍ୟମରେ କୋର୍ଟରେ ହାଜର ହୋଇଛନ୍ତି ୩ ଅଭିଯୁକ୍ତ । ଅପରପକ୍ଷରେ ଏହି ମାମଲାରେ ମିଳିଥିବା ଜିଡିଟାଲ ଏଭିଡେନ୍ସ ସେଂଟ୍ରାଲ ଫୋରେନସିକ୍ ଲ୍ୟାବ୍ କୁ ପଠାଇବାକୁ ଆବେଦନ କରିଛି ଇଡି। ପୂର୍ବରୁ ଡିଜିଟାଲ ଏଭିଡେନ୍ସ ଷ୍ଟେଟ ଫୋରେନସିକ ଲ୍ୟାବ ପଠାଯାଇଥିଲା। ଷ୍ଟେଟ୍ ଫୋରେନସିକ ଲ୍ୟାବ ରିପୋର୍ଟ ଦେବାରେ ଅସଫଳ ହୋଇଥିଲା।

## ନୀତିଶ୍ଳୋକ

**ତଦିତ୍ୟନଭିସନ୍ଧାୟ ଫଳଂ ଯଜ୍ଞତପଃକ୍ରିୟାଃ ।**
**ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ ।।**

'ତତ୍' ନାମରେ କଥିତ ପରମାତ୍ମାଙ୍କ ନିମନ୍ତେ ସବୁକିଛି ଉଦ୍ଦିଷ୍ଟ- ଏପରି ମନେକରି ମୁକ୍ତିକାମୀ ମନୁଷ୍ୟମାନଙ୍କ ଦ୍ୱାରା ଫଳେଚ୍ଛାବିହୀନ ଅନେକ ପ୍ରକାର ଯଜ୍ଞ, ତପ ଓ ଦାନରୂପକ କ୍ରିୟା କରାଯାଏ ।

# ବୁଡିଗଲା ଗୋଡ ତଳକୁ ତଳକୁ

ଦେବାଲିଆ ଅବସ୍ଥାକୁ ଆସି ଯାଇଥିବା ପାକିସ୍ତାନ ଶେଷରେ ଗୋଟିଏ ପରେ ଗୋଟିଏ ସମ୍ପତ୍ତି ବିକ୍ରି କରିବାରେ ଲାଗିଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ତା'ର ଦୂତାବାସ କର୍ମଚାରୀ ତଥା ଜାତିସଂଘରେ ଥିବା କୁଟନୈତିକ ମାନେ ଗଲା ୬ମାସ ହେଲା ଦରମା ପାଇନାହାଁନ୍ତି । ତେଣୁ ବାଧ ହୋଇ ଦୂତାବାସର ଦୁଇଟି ଭବନ ଭିତରୁ ଗୋଟିଏକୁ ବିକ୍ରି କରିବାର ନିଷ୍ପତ୍ତି ନେଲା ପରେ ଏହାର ନିଲାମି ଡକାଯାଇଛି । ଏହି ନିଲାମ ଡକାର ଅନ୍ତିମ ପର୍ଯ୍ୟାୟରେ ଇସ୍ରାଏଲ ଓ ଭାରତ ହିଁ ସର୍ବାଧିକ ବିଡ କରିଥିଲେ । ଶେଷରେ ବନ୍ଧୁ ଦେଶ ଇସ୍ରାଏଲ ପାଇଁ ଭାରତ ଓହରି ଯାଇଥିଲା । ଦୂତାବାସ ବିକ୍ରି ହୋଇଯିବା କେବଳ ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । ଯେଉଁଦେଶକୁ ଏପର୍ଯ୍ୟନ୍ତ ପାକିସ୍ତାନ ମାନ୍ୟତା ଦେଇନାହିଁ ଏବଂ ସବୁଠାରୁ ବଡ ଶତ୍ରୁ ବୋଲି ଘୋଷଣା କରେ ସେହି ଇସ୍ରାଏଲ ଏହି ଦୂତାବାସକୁ କ୍ରୟ କରିବ । ଏହି ସ୍ଥାନରେ ଇହୁଦୀମାନଙ୍କର ଏକ ଧାର୍ମିକ କେନ୍ଦ୍ର ସ୍ଥାପିତ ହେବ । ଏହାର ପରେ ପରେ ସଂଯୁକ୍ତ ଆରବ ଏମିରେଟକୁ ଋଣ ବାବଦରେ ସୁଧ ପରିଶୋଧ କରିବା ପାଇଁ ଶେଷରେ କତରକୁ ନିଜର ଏଲଏନଜି ପ୍ଲାଣ୍ଟ ଦେଢ ବିଲିଅନ ଡଲାରରେ ବିକ୍ରି କରିଦେଇଛି । ଯେଉଁ କତର ମୁସଲିମ ବ୍ରଦରହୁଡର ଦ୍ୱାହୀ ଦେଇ କାଶ୍ମୀର ପାଇଁ ଭାରତ ବିରୋଧରେ ପ୍ରସ୍ତାବ ଗ୍ରହଣ କରେ ପାକିସ୍ତାନର ଏଭଳି ଦୁର୍ଗତି ସମୟରେ ଏହି ଦେଢ ବିଲିଅନ ଡଲାର ଉଧାର ଭାବରେ ଦେବାକୁ ରାଜି ନହେବାରୁ ବାଧ ହୋଇ ଏଲଏନଜି ପ୍ଲାଣ୍ଟକୁ ବିକ୍ରି କରିବାକୁ ପଡିଲା । ଏହାପରେ ପାକ ସରକାରଙ୍କ ଆଖି ଦେଶର ବିମାନବନ୍ଦରଗୁଡିକ ଉପରେ । ଆଗାମୀ ଦିନରେ ଇସଲାମାବାଦ, କରାଚୀ, ଲାହୋର, ରାଉଳପିଣ୍ଡି ବିମାନବନ୍ଦରଗୁଡିକୁ ୧୦ ବର୍ଷ ପାଇଁ ନିଲାମ ସୂତ୍ରରେ ଦେବା ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଛି । ଦୁର୍ଗତି ଏତିକିରେ ସରୁନାହିଁ । ପାକିସ୍ତାନର ଯେଉଁ କେତୋଟି ବଡ ବଡ କାରଖାନା ଥିଲା ସେଗୁଡିକ ମଧ୍ୟ ଇତିମଧ୍ୟରେ ଗୋଟିଏ ପରେ ଗୋଟିଏ ବନ୍ଦ ହେବାରେ ଲାଗିଛି । ଦେଶର ସର୍ବବୃହତ ଟ୍ରାକ୍ଟର ମିଲ୍ଲତ୍ର କାରଖାନା ଦୀର୍ଘଦିନ ଧରି ଉତ୍ପାଦନ କରୁନାହିଁ । ଏହାର ବଡ କାରଣ ହେଲା, ବନ୍ୟା ଯୋଗୁଁ ପାକିସ୍ତାନର କୃଷି ବ୍ୟବସ୍ଥା ଲୁଣ୍ଠୁଡି ପଡିଛି । ତିଆରି ହୋଇ ବିକ୍ରି ପାଇଁ ଅପେକ୍ଷା କରିଥିବା ଶହ ଶହ ଟ୍ରାକ୍ଟର ମାସ ମାସ ଧରି ପଡି ରହିଥିବା ସତ୍ତ୍ୱେ ଏଥିପାଇଁ କ୍ରେତା ନାହାନ୍ତି । ତେଣୁ ଏହି କାରଖାନା ବନ୍ଦ କରି ଦିଆଯାଇଛି । ଅଟୋମୋବାଇଲ କ୍ଷେତ୍ରରେ ଟୋୟଟା ଏବଂ ସୁଜୁକି ଦ୍ୱାରା ପ୍ରତିଷ୍ଠିତ ଦୁଇଟି ପ୍ଲାଣ୍ଟ ଅନେକ ଦିନ ହେଲା ବନ୍ଦ ପଡିଛି । ଯୁଦ୍ଧ ପରବର୍ତ୍ତୀ ୟୁରୋପୀୟ ଟେକ୍ସଟାଇଲ ମାର୍କେଟରେ ବଡ ଧରଣର ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାରୁ ପାକିସ୍ତାନରେ ସବୁଠାରୁ ବଡ ରପ୍ତାନି ସାମଗ୍ରୀ ପୋଷାକ ଉଦ୍ୟୋଗ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଛି । ମୋଟାମୋଟି ଭାବେ ପାକିସ୍ତାନର ଅଧିକାଂଶ କାରଖାନା ବନ୍ଦ ପଡିଥିବାରୁ ଲକ୍ଷ ଲକ୍ଷ ଶ୍ରମିକ ବେକାର ହୋଇଯାଇଛନ୍ତି ।

ଦ୍ରବ୍ୟ ଉପରେ ବିସ୍ଫୋଟ ପରି ପାକିସ୍ତାନରେ ପ୍ରତିଦିନ ଜିନିଷପତ୍ରର ଦାମ ହୁ ହୁ ହୋଇ ବଢୁଛି । ଅଟା କିଲୋ ୧୫୦ଟଙ୍କା ହୋଇଥିଲେ ମଧ୍ୟ ତାହା ମିଳିବା ଦୁର୍ଲଭ ହୋଇଯାଇଛି । ପ୍ରତିଦିନ ଲୋକେ ସରକାରୀ ଦୋକାନ ମାନଙ୍କରେ ଲମ୍ବା ଲମ୍ବା ଧାଡି କରି ଠିଆ ହେଉଛନ୍ତି । କିନ୍ତୁ ଦୋକାନ ଖୋଲିବାର ଘଣ୍ଟାଏ ଭିତରେ ଷ୍ଟକ ସରିଯିବା ଘୋଷଣା ହେବାରୁ ଲୋକେ ଫେରି ଯାଉଛନ୍ତି । ଗରିବ ଲୋକେ ନିଜ ପିଲାମାନଙ୍କ ମୁହଁରେ ଦିନରେ ବେଳାଏ ମଧ୍ୟ ରୁଟି ଖିଏ ଦେଇପାରୁନାହାନ୍ତି । କୌଣସି ସ୍ଥାନରେ ଅଟା ବୋଝେଇ ଟ୍ରକ ଯାଉଥିବାର ଦେଖିଲେ ଲୋକେ ଗାଡି ଅଟକାଇ ମଡ ଉପରେ ଶାଗୁଣା ବିଲୁଆ ପରି ଝାମ୍ପି ପଡୁଛନ୍ତି । ଏହି ଅଟା ଲୁଟ କରିବାକୁ ଯାଇ ଉଠୁଥିବା ଗହଳି ମଧ୍ୟରେ ଅନେକ ଯାଗାରେ ଏଣେ ଭୋକିଲା ଲୋକ ମୃତ୍ୟୁମୁଖରେ ପଡୁଛନ୍ତି । ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ବସ୍ତୁର ଦାମ ଆକାଶ ଛୁଆଁ । ଦୁଧ ଲିଟର ଦେଢଶହ ଟଙ୍କା,ଡାଲି କିଲୋ ଦୁଇଶହ ଟଙ୍କା, ଆଳୁ କିଲୋ ୬୦ଟଙ୍କା, ପିଆଜ କିଲୋ ୫୫ଟଙ୍କା । ଏହିଭଳି ସମସ୍ତ ଖାଦ୍ୟପଦାର୍ଥର ଦାମ ଲୋକଙ୍କ ହାତପାହାନ୍ତାରୁ ଦୂରରେ । ନିଜ ଦେଶର ଭୋକିଲା ଲୋକଙ୍କ ସକାଶେ ସାହାଯ୍ୟ ମାଗିବା ପାଇଁ ପାକିସ୍ତାନର ପ୍ରଧାନମନ୍ତ୍ରୀ , ବିଦେଶମନ୍ତ୍ରୀ ଓ ସେନାମୁଖ୍ୟ ଦେଶବିଦେଶ ଘୁରି ବୁଲୁଛନ୍ତି । ଇତିମଧ୍ୟରେ ପାକିସ୍ତାନକୁ ଚୀନ ଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ଜାତିସଂଘ ଆନୁକୂଲ୍ୟରେ କେତେକ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଦ୍ୱାରା କିଛି ଆର୍ଥିକ ସହଯୋଗ ପାଇଁ ଆଗେଇ ଆସିଛି । କିନ୍ତୁ ପାକିସ୍ତାନର କହିବା କଥା ହେଲା ଅତି କମରେ ୧୬ ବିଲିଅନ ଡଲାର ସାହାଯ୍ୟ ଆକାରରେ ନମିଳିଲେ ଦେଶକୁ ଗୃହଯୁଦ୍ଧରୁ ରକ୍ଷା କରାଯାଇ ପାରିବ ନାହିଁ ।

ନିଜ ପଡୋଶୀ ଭାରତର ଦ୍ରୁତ ବିକାଶ ସହ ବିଶ୍ୱ ନେତୃତ୍ୱ ନେବାର ଦୃଶ୍ୟରେ ପାକିସ୍ତାନର ଲୋକମାନେ ମୁହ୍ୟମାନ ପଡୁଛନ୍ତି । ସେମାନେ ନିଜ ନେତାମାନଙ୍କର ଅଯୋଗ୍ୟତା ଓ ଭ୍ରଷ୍ଟାଚାରକୁ ଦୋଷ ଦେବାବେଳେ ଅନେକେ ସେନାବାହିନୀକୁ ଦୋଷ ଦେଉଛନ୍ତି । ସବୁଠୁ ବଡ କଥା ହେଲା କାଶ୍ମୀରରେ ୩୭୦ ଉଚ୍ଛେଦ ହେବାପରଠାରୁ ପାକିସ୍ତାନ ନିଜ ଆଡୁ ଭାରତ ସହ ବାଣିଜ୍ୟ ବ୍ୟବସାୟ ବନ୍ଦ କରିଦେଇଥିଲା । ସେହିଦିନଠାରୁ ପାକିସ୍ତାନର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି । ତେଣୁ ପାକିସ୍ତାନର ସାଧାରଣ ଲୋକେ କେବଳ ଯେ, ଭାରତ ସହ ବ୍ୟବସାୟିକ ସମ୍ପର୍କକୁ ପୁନଃ ପ୍ରତିଷ୍ଠିତ କରିବାକୁ ଚାହୁଁଛନ୍ତି ତାହା ନୁହେଁ, ସେମାନେ ଏବେ ଖୋଲାଖୋଲି କହିଲେଣି ଯେ, ୧୯୪୭ର ବିଭାଜନ ଜନିତ ପାପର ଫଳ ତାଙ୍କୁ ଭୋଗିବାକୁ ପଡୁଛି । ଭାରତ ମିଶି କରିଥିଲେ ସେମାନଙ୍କର ଏଭଳି ଦୁର୍ଗତି ହୋଇନଥାନ୍ତା ବୋଲି ଖୋଲାଖୋଲି ଭାବେ ସ୍ୱୀକାର କରିବା ସହ ସମଗ୍ର ପାକିସ୍ତାନରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଉଚ୍ଚ ପ୍ରଶଂସା କରାଯାଉଛି । ପାକିସ୍ତାନର ସାଧାରଣ ଲୋକଙ୍କ ମତ କାଶ୍ମୀର କାଶ୍ମୀର ବୋଲି ଚିତ୍କାର କରି ପାକିସ୍ତାନ ନିଜେ ନିଜର ଦୁର୍ଦଶାକୁ ଡାକି ଆଣିଛି । ଭାରତ ସହ ସୁସମ୍ପର୍କ ପ୍ରତିଷ୍ଠା କରିବାକୁ ହେଲେ କାଶ୍ମୀର ପ୍ରସଙ୍ଗକୁ ଭୁଲିଯିବା ଉଚିତ ବୋଲି ମଧ୍ୟ ଅଧିକାଂଶ ପାକିସ୍ତାନୀ ମତ ଦେଲେଣି । ତେବେ ଯାହା ହେଉ ବିଳମ୍ବ ହେଲେ ମଧ୍ୟ ଏହି ଦେଶବାସୀ ସୁଧୁରି ଗଲେ ସେମାନଙ୍କ ନେତାମାନେ ସୁଧୁରିବାକୁ ବାଧ ହେବେ ।

# ଅମୃତ ଧାରା :କୁନିପୁଅ ଓ କାଠପାତ୍ର

ଜଣେ ବୁଢ଼ାଲୋକ ନିଜର ପୁଅ, ବୋହୂ ଏବଂ ଚାରି ବର୍ଷ ବୟସ୍କ ନାତି ସହ ବାସ କରୁଥିଲେ । ପ୍ରତିଦିନ ରାତିରେ ସେମାନେ ଏକାଠି ଭୋଜନ କରୁଥିଲେ । ବୟସ ଯୋଗୁଁ ବୁଢ଼ାଙ୍କର ହାତ ଥରୁଥିଲା । ସେ ଠିକ୍‌ରେ ଖାଇପାରୁ ନଥିଲେ । ତାଙ୍କ ହାତରୁ କେତେବେଳେ ଚାମଚ ତ କେତେବେଳେ ପାଟିରୁ ଖାଦ୍ୟ ଖସିପଡୁଥିଲା । ପୁଅ-ବୋହୂଙ୍କୁ ତାହା କ୍ରମେ ଅସହ୍ୟ ହେଲା । ସେମାନେ ବୁଢ଼ାଙ୍କ ଲାଗି ଘର କୋଣରେ ଅଲଗା ଆସନର ବ୍ୟବସ୍ଥା କରିଦେଲେ । ତାଙ୍କ ସହ କେହି ବସିଲେନାହିଁ । ତାଙ୍କୁ କାଠପାତ୍ର ଏବଂ କାଠ ଚାମଚର ଖାଇବାକୁ ଦିଆଗଲା । ବୁଢ଼ାଙ୍କୁ କଥାଟି ଭଲ ଲାଗୁନଥିଲେ ହେଁ ପ୍ରତିବାଦ କଲା ଭଳି ଅବସ୍ଥା ତାଙ୍କର ନଥିଲା । ନାତି ଟୋକାର ବୟସ କମ୍ ହେଲେ ବି ସେ ସବୁ କଥା ବୁଝିପାରୁଥିଲା । ଦିନେ ରାତ୍ରିଭୋଜନ ପରେ ବୈଠକଖାନାରେ ପିତାମାତା ବସିଥିବା ବେଳେ ସେ କାଠ ଖଣ୍ଡେ ଧରି ଖେଳ ଆରମ୍ଭ କରିଦେଲା । ବାପା କୌତୁହଳୀ ହୋଇ ପଚାରିଲେ, କ'ଣ କରୁଛି କି ଆମ କୁନି ପୁଅ ? ପିଲାଟି ସାଙ୍ଗେ ସାଙ୍ଗେ କହିଲା, କାଠପାତ୍ରଟିଏ ତିଆରି କରୁଛି । ମୁଁ ବଡ଼ ହୋଇଗଲେ, ତୁମ ଦୁହିଁଙ୍କୁ ସେଥିରେ ଖାଇବାକୁ ଦେବି ପରା । ପିତା-ମାତା ନିଜର ଭୁଲ ବୁଝିପାରି ଲଜ୍ଜିତ ହେଲେ । ବୁଢ଼ାଙ୍କୁ ଆଉ ଅଲଗା ରାତ୍ରିଭୋଜନ କରିବାକୁ ପଡ଼ିଲାନାହିଁ । ଆମ ମାନଙ୍କ ଜୀବନରେ ଆତ୍ମମାନଙ୍କର ପିତାମାତା ଚଳନ୍ତି ଦେବତା । ସେମାନେ ହେଉଛନ୍ତି ସ୍ୱୟଂ ନାରାୟଣଙ୍କ ସ୍ୱରୂପ । ସେମାନଙ୍କ ସେବା କରି ଯେଉଁ ଆଶୀର୍ବାଦ ପ୍ରାପ୍ତ ହେବା ତାହା ଆତ୍ମମାନଙ୍କ ଜୀବନକୁ ଗୌରବ ଓ ଦିବ୍ୟକୃପାରେ ପରିପୂର୍ଣ୍ଣ କରିଦେବ ।

**ଇଂ.ପ୍ରକାଶ କୁମାର ଭୂୟାଁ**
**ଟାଟାଷ୍ଟିଲ, ମେରାମୁଣ୍ଡଳି, ଅନୁଗୁଳ, ଦୂରଭାଷ : ୭୯୭୮୯୨୭୭୬୫**

# ଜାଗୃତି ପଥେ ଯୁବ ଶକ୍ତି

## 'ଯୁବ ନିକଳଙ୍କର ଆଗେ ଆଏ ଭାରତ ମା କା ଧ୍ୟାନ କରେ'

ନିକୁଞ୍ଜ ବିହାରୀ ପଣ୍ଡା

ତତ୍କାଳୀନ ଭାରତର ଜଣେ ବିଶ୍ୱବିଜୟୀ ସନ୍ୟାସୀ ସ୍ୱାମୀ ବିବେକାନନ୍ଦ ତାଙ୍କ ସମୟରେ ପ୍ରତ୍ୟକ୍ଷ ଦେଖିଲେ ଯେ ପାଶ୍ଚାତ୍ୟ ଦେଶ ଗୁଡିକରେ ଏକଦା ବେଦଭୂମି ଓ ଦେବଭୂମି ଭାବରେ ପରିଗଣିତ ହେଉଥିବା ଭାରତର ଚିତ୍ର ବର୍ତ୍ତମାନ ଏକ ମୂର୍ମୁଷ ଓ ସଭ୍ୟତାହୀନ, ଐତିହ୍ୟ ଓ ପରମ୍ପରା ହୀନ ଭାବରେ ଚିତ୍ରିତ ହେଉଛି । ଏଠିତ ପଥରକୁ ପୂଜା, ଗଛକୁ ପୂଜା ଏବଂ ସାପର ମଧ୍ୟ ଉପାସକ, କେବଳ ସେତିକି ନୁହଁ ବୋହୁ ଦେବାଦେବୀଙ୍କ ପୂଜା କରିବା ଭଳି ଭୟାନକ କୁସଂସ୍କାରରେ ବୁଡି ରହିଛି ଭାରତ ।

ପୁଣି ଯେତେବେଳେ ସ୍ୱାମୀଜୀ ଧ୍ୟାନ ଦୃଷ୍ଟିରେ ପୁରା ଯାତ୍ରା ଶେଷ କରି କନ୍ୟାକୁମାରୀରେ ଭାରତର ଶେଷ ଶିଳାରେ ଠିଆ ହୋଇ ଦେଖିଲେ ପୁଣି ଭାରତ ବର୍ଷ ଜାଗ୍ରତ ହେଉଛି ଜଡ ଶକ୍ତି ବଳରେ ନୁହେଁ ଚୈତନ୍ୟ ଶକ୍ତିର ଆଧାରରେ, ବିନାଶର ବିଜୟୀ ପତାକା ନୁହେଁ ଶାନ୍ତି ଓ ପ୍ରେମର ପତାକା ଧରି ଏବଂ କାହାର ଭିକ୍ଷାପାତ୍ରରେ ନୁହେଁ ବରଂ ନିଜର ଗୌରବମୟ ଇତିହାସ ଓ ଧର୍ମ ଆଧାରରେ ଭାରତବର୍ଷ ପୁଣି ଉଠିବ । ପାଶ୍ଚାତ୍ୟ ଜଗତରେ ଭାରତ ପ୍ରତି ଯେଉଁ ଭ୍ରାନ୍ତ ଓ ନିକୃଷ୍ଟ ଧାରଣା ଥିଲା ସ୍ୱାମୀଜୀଙ୍କ ଚିକାଗୋ ଯାତ୍ରା ଫଳରେ ସମ୍ପୂର୍ଣ୍ଣ ଦୂର ହେଲା ଏବଂ ଚିକାଗୋ ଧର୍ମ ସଭାରେ ସ୍ୱାମୀଜୀଙ୍କ ବେଦ ଓ ବେଦାନ୍ତ, ଧର୍ମ ଓ ଦର୍ଶନ ଉପରେ ଯେଉଁ ଭାଷଣ ଦେଲେ ତାହା ସମଗ୍ର ପାଶ୍ଚାତ୍ୟ ଜଗତରେ ଚହଳ ପକେଇବା ସହ ସେ ଭ୍ରାନ୍ତଧାରଣା ମାନେ ପୋଡି ପାଉଁଶ ହେଇ ପବନରେ ଉଡ଼ିଗଲା ଏବଂ ପାଶ୍ଚାତ୍ୟ ଜଗତ ଏକ ନୂତନ ଆଲୋକର ସନ୍ଧାନ ପାଇଲା । ସେହି ପରିପ୍ରେକ୍ଷୀରେ ଆଜି ଯଦି ଦେଖିବା ସାମାଜିକ ଗଣମାଧ୍ୟମ ଆଜି ସମାଜର ଏକ ଅଭିନ୍ନ ଅଙ୍ଗ ହୋଇସାରିଲାଣି । ଯାହାଫଳରେ ଦେଶରେ ଘଟୁଥିବା ସମସ୍ତ ସକରାତ୍ମକ ଘଟଣାକୁ ଆଜିର ଯୁବପିଢ଼ି ଅଧିକ ମାତ୍ରାରେ ପ୍ରଚର ପ୍ରସାର କରିବା ଦ୍ୱାରା ଆଜି ଅନେକ ବ୍ୟକ୍ତି ସଚେତନ ହେଇପାରୁଛନ୍ତି ଖାଲି ସେତିକି ନୁହେଁ ଆମେ ସାଧାରଣତଃ କୌଣସି ବ୍ୟକ୍ତି ରକ୍ତ ଅଭାବରୁ କିମ୍ବା ଆର୍ଥିକ ଦୃଷ୍ଟିରୁ ମୃତ୍ୟୁ ବରଣ ନକରୁ ସେଥିପାଇଁ ମଧ୍ୟ ସାମାଜିକ ଗଣମାଧ୍ୟମକୁ ବହୁଳ ମାତ୍ରାରେ ଆଜିର ଯୁବପିଢ଼ି ଉପଯୋଗ କରୁଛନ୍ତି । ତା ସହ ଯଦି ଦେଖିବା ଆଜି ସାମାଜିକ ଗଣମାଧ୍ୟମରେ କୌଣସି ବ୍ୟକ୍ତି ଭାରତର ଅଖଣ୍ଡତା ଓ ଅସ୍ମିତା ଉପରେ କୌଣସି ପ୍ରଶ୍ନ ଉଠାଏ ଆଜିର ଜାଗୃତ ଯୁବପିଢ଼ି ଦେଶ ପ୍ରଥମ ଭାବନା ନେଇକି ଆଜି ତାକୁ ଶକ୍ତ ପ୍ରହାର କରିବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉନାହିଁ । ସ୍ୱାମୀ ବିବେକାନନ୍ଦ କହୁଥିଲେ ଯଦି ତମେ ପବିତ୍ର ଗୀତାକୁ ବୁଝିବାକୁ ଚହୁଁଛ ତାହାଲେ ତମେ ପ୍ରଥମେ ପଡ଼ିଆକୁ ଯାଇ ଫୁଟବଲ ଖେଳ ତାପରେ ଗୀତାକୁ ବୁଝିବ କାହିଁକି ନା ଶାରୀରିକ କ୍ଷେତ୍ରରେ ସୁଦକ୍ଷ ନଥିବା ବ୍ୟକ୍ତି କେବେହେଲେ ଏଭଳି ପବିତ୍ର ଗୀତାକୁ ବୁଝିପାରିବ ନାହିଁ । ଏଭଳି ଯଦି ଆଜି ଆମେ ଦେଖିବା କ୍ରୀଡା କ୍ଷେତ୍ରରେ ମଧ୍ୟ ଆଜିର ଯୁବପିଢି କିଛି କମ୍ ନୁହେଁ ଅଲମ୍ପିକରେ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଆଜି ସାରାବିଶ୍ୱରେ ଗୌରବାନ୍ୱିତ କରୁଛନ୍ତି । ଦେଶର ସୁରକ୍ଷା କଥା ଆଜି ଯଦି ଆମେ ଚିନ୍ତା କରିବା ଯେଉଁ ଜମ୍ମୁକାଶ୍ମୀର ଯୁବକ ଦିନେ ଆତଙ୍କବାଦୀଙ୍କ ସହ ମିଶି ଭାରତୀୟ ଯବାନଙ୍କ ଉପରକୁ ପଥର ଫିଙ୍ଗୁଥିଲା ସିଏ ଆଜି ଭାରତୀୟ ସେନାର ଯବାନ ହୋଇ ଗର୍ବ ଅନୁଭବ କରୁଛି । ଆଜି ଦେଶର ଯୁବକ ଭାରତୀୟ ସେନାକୁ ଚକିରୀ ସୃଷ୍ଟି କରୁଥିବା କ୍ଷେତ୍ର ନଭାବି ସିଆଚେନରେ -୪୮ଡିଗ୍ରୀ ସେଲସିଅସ୍‌ରେ ରହି ମା ଭାରତୀର ସେବା କରିବାକୁ ପ୍ରସ୍ତୁତ । ଖାଲି ସେତିକି ନୁହେଁ ସୀମାପାର ଆତଙ୍କବାଦକୁ ଆଜି ସୀମାପାର କରି ତା ନିଜ ମାଟିରେ ତାକୁ କଡାଜବାବ ଦେବାପାଇଁ ମଧ୍ୟ ପଛଘୁଞ୍ଚା ଦେଉନାହିଁ । ସାରା ଦେଶରେ ଆଜି ଭାରତୀୟ ଯବାନ ମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ଅଗାଢ ବିଶ୍ୱାସ ଜମିବା ସହ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଭାରତୀୟ ଯବାନମାନେ ସୃଷ୍ଟି କରିପାରିଲେଣି ତାସହ ଅଗ୍ନୀପଥ ଯୋଜନା ମାଧ୍ୟମରେ କାଶ୍ମୀରରୁ କନ୍ୟାକୁମାରୀ ଏବଂ ଗୁଜୁରାଟରୁ ମେଘାଳୟ ପର୍ଯ୍ୟନ୍ତ ଭାରତର ଲକ୍ଷ ଲକ୍ଷ ଯୁବକ ଦେଶ ମାତୃକାର ସେବା କରିବା ପାଇଁ ନିଜକୁ ନିୟୋଜିତ କରୁଛନ୍ତି । ଭାରତ ଯେହେତୁ କୃଷି ପ୍ରଧାନ ଦେଶ ତ ଆଜିର ଯୁବ ଶକ୍ତି ମଧ୍ୟ ଆଗେଇ ଆସିଲେଣି ନୂତନ ତଥା ଆଧୁନିକ ପ୍ରଣାଳୀରେ ଚାଷ କରି ଦେଶକୁ କୃଷି ଉଦ୍ୟୋଗୀ ଦେଶ ଭାବେ ଗଢି ତୋଳିଲେଣି । ଆଜି ଆତ୍ମନିର୍ଭର ଭାରତ ଗଠନ ଦିଗରେ ଯୁବକ ମାନଙ୍କ ନେତୃତ୍ୱକୁ ସାରା ବିଶ୍ୱ ଦେଖୁଛି । ଖୁବ କମ ସମୟ ମଧ୍ୟରେ ଆମ ଦେଶରେ ଗଢି ଉଠିଥିବା ବୃହତ ବୃହତ ବ୍ୟବସାୟୀ ପ୍ରତିଷ୍ଠାନ ମାନଙ୍କର ଉଭୟ ପରିଚାଳନା ଭାର ଏବଂ ନେତୃତ୍ୱର ଦାୟିତ୍ୱ ଯୁବକ ମାନଙ୍କ କାନ୍ଧରେ ରହୁଛି ଯାହାକି ଏକବିଂଶ ଶତାବ୍ଦୀରେ ଭାରତର ଛବିକୁ ବିଶ୍ୱପଟଳରେ ଅଧିକ ଉଜ୍ଜ୍ୱଳିତ କରୁଛି । ପାଞ୍ଚ ଟ୍ରିଲୀୟନର ଅର୍ଥାତ ବଜେଟ କେବଳ ସ୍ୱାବଲମ୍ବୀ ଭାରତ ଦ୍ୱାରା ହିଁ ସମ୍ଭବ ହେଇପାରିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ଏବଂ ଏହାର ନେତୃତ୍ୱ ଭାରତର ଯୁବକ ମାନଙ୍କୁ ହିଁ ନେବାକୁ ପଡିବ । ଆଜି ସାରା ବିଶ୍ୱରେ ଯୁବକ ମାନଙ୍କୁ ନେଇ ଚର୍ଚ୍ଚା ଚାଲିଥିବା ସମୟରେ ଭାରତକୁ ବାଦ ଦେଇ ଯୁବକ ମାନଙ୍କ ବିକାଶର ପରିକଳ୍ପନା କରିବା ବୃଥା । ଆଜି ଭାରତର ଷାଠିଏ ଶତକଡାରୁ ଅଧିକ ଯୁବକ ଥିବା ସମୟରେ ଭାରତବର୍ଷକୁ ଜୀ -୨୦ ଅଧ୍ୟକ୍ଷତା ମିଳିବା ଆମ ପାଇଁ ନିହାତି ଭାବରେ ଗର୍ବର ବିଷୟ । ଆଜିର ଜୀ -୨୦ ଯୁଗରେ ଭାରତର ଅଧ୍ୟକ୍ଷତା ନିହାତି ରୂପେ ବିଶ୍ୱ ଦରବାରରେ ଯୁବକ ମାନଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିବ । ସ୍ୱାମୀ ବିବେକାନନ୍ଦ କହୁଥିଲେ ଯଦି ତମେ କେବେ ଲଢେଇ କରିବାକୁ ଚହଁ ତାହେଲେ ତମେ ଜଙ୍ଗଲରେ ରହୁଥିବା ସିଂହ ସହ ଲଢ଼େଇ କର ଆଉ ଯଦି ତମେ ତମେ ଚୋରି କରିବାକୁ ଚହଁ ତାହେଲେ ତମେ ରାଜାର ଧନ ଚୋରି କର ଜୀବନରେ ତମେ ଯାହାବି କିଛି କର ସେଥିରେ ଏକ ସମ୍ବେଦନଶୀଳ ଯୁବକ ହିସାବରେ ସମାଜର ପ୍ରତ୍ୟେକଟି କ୍ଷେତ୍ରରେ ନେତୃତ୍ୱ ନେବାର ଆବଶ୍ୟକତା ରହିଛି ଏବଂ ଭାରତକୁ ପରମ ବୈଭବଶାଳୀ ରାଷ୍ଟ୍ରରେ ପରିଗଣିତ କରିବା ସହିତ ଶ୍ରେଷ୍ଠ ପ୍ରଦାନ କରିବା ପାଇଁ ସ୍ୱାମୀଜୀ ଆହ୍ୱାନ ଦେଉଥିଲେ । ବିବେକାନନ୍ଦଙ୍କ ବିଚାର ହେଉଛି ଏ ଭାରତର ବିଚାର ଦେଶର କେତେକ ଶିକ୍ଷା ଅନୁଷ୍ଠାନରେ ତଥା କଥିତ ବୁଦ୍ଧିଜୀବୀମାନେ ବିବେକାନନ୍ଦଙ୍କୁ ବିରୋଧ କରିବାକୁ ଯାଇ ଭାରତର ବିଚାରକୁ ବିରୋଧ କରୁଛନ୍ତି ଯାହାକୁ ଏ ଦେଶର ଯୁବକ ଆଜି ପ୍ରତ୍ୟାଖ୍ୟାନ କରିଛି । ଆଜି ବିଶ୍ୱର ପ୍ରତ୍ୟେକଟି କୋଣ ଅନୁକୋଣରେ ସ୍ୱାମୀଜୀଙ୍କ ଏଇ ପବିତ୍ର ଜନ୍ମ ତିଥିକୁ କେବଳ ଯୁବକ ନୁହଁ ଆବାଳ ବୃଦ୍ଧ ବନିତା ସଭିଏଁ ପାଳନ କରୁଛନ୍ତି । ୧୮୬୩ ମସିହା ଜାନୁଆରୀ ୧୨ ତାରିଖ ଦିନ ପିତା ବିଶ୍ୱନାଥ ଦତ୍ତ ଏବଂ ମାତା ଭୁବନେଶ୍ୱରୀ ଦେବୀଙ୍କ କୋଳରେ କଲିକତାର ସୀମକାପଲି ଠାରେ ମା ଭାରତୀର ଜଣେ ମହାନ ସାଧକ ସ୍ୱାମୀ ବିବେକାନନ୍ଦଙ୍କୁ ଜନ୍ମ ଦେଇ ମା ଭାରତୀକୁ ଧନ୍ୟ କରିଛନ୍ତି । ରାମକୃଷ୍ଣ ପରମହଂସ କହୁଥିଲେ ଯଦି ତମେ ଭାରତକୁ ଜାଣିବାକୁ ଚହୁଁଛ ତାହାଲେ ତମେ ବିବେକାନନ୍ଦଙ୍କୁ ପଢ଼ ଯିଏ କି ଆଜି ଆମ ସମସ୍ତ ଯୁବ ସମାଜ ପାଇଁ ଆଦର୍ଶ ଏବଂ ଯାହାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସର୍ବେ ଭବନ୍ତୁ ଶୁଖିନଃ ଏବଂ ବସୁଧୈବ କୁଟୁମ୍ବକମ ଏଇଭଳି ଭାରତର ମହାନ ପରମ୍ପରା ଓ ପ୍ରାଚୀନ ସଂସ୍କୃତିକୁ ଚରିତାର୍ଥ କରିବା ପାଇଁ ଆଗେଇ ଆସିଲେଣି ଯୁବଶକ୍ତି ।



**ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ**
**ଏବିଭିପି ସମ୍ବଲପୁର**
**ଯୋଗାଯୋଗ ନମ୍ବର -୭୫୩୯୮୭୯୧୭୧**

# ଇତିହାସର ରତ୍ନଗର୍ଭା କେନ୍ଦ୍ରାପଡ଼ା ଆଜି ଅବହେଳିତ(୨)

ଦିପ୍ତିରଞ୍ଜନ ସାହୁ

କେନ୍ଦ୍ରାପଡା ଜ଼ିଲ୍ଲା ଏକ ଉପକୂଳ ଜ଼ିଲ୍ଲା ହେଇଥିବାରୁ ଏଠାରେ ଅନୁପ୍ରବେଶକାରୀ ସଂଖ୍ୟା ବେଶୀ ଆପଣ ଯଦି ଇତିହାସ ପୃଷ୍ଠାକୁ ଯିବେ ଦେଖିବେ ସେ ୧୯୯୯ ତ୍ରିରଙ୍ଗା ପୋଡି ହେଉ କି ସୀମା ବିବାଦ ଏମିତି ବହୁତ ଆଜି କେନ୍ଦ୍ରାପଡା ଜ଼ିଲ୍ଲାରେ ମୁଖ୍ୟତଃ ରାଜନଗର ଅଂଚଳ ବାଙ୍ଗଲାଦେଶୀ ମାନଙ୍କ ଚରଭୂମି ହେଇଯାଇଛି । ଦିନ ଆସିବ କେନ୍ଦ୍ରାପଡା ଜ଼ିଲ୍ଲାରେ ଓଡ଼ିଆ କମ ଥିବେ ଆଉ ବାଂଲାଦେଶୀ ଅଧିକ । ଯଦି ଜ଼ିଲ୍ଲା ପ୍ରଶାସନ ଯଥାଶୀଘ୍ର ସଜାଗ ନହୁଏ ତାହେଲେ ବହୁତ କିଛି କ୍ଷତି ହୋଇଯିବ । ସେଥିପାଇଁ କଥାରେ ଅଛି ବେଳ ଥାଉ ଥାଉ ସାବଧାନ । ଯଥାଶୀଘ୍ର ରାଜ୍ୟ ସରକାର କେନ୍ଦ୍ରାପଡାରେ ଘଜଉ ଲଗାନ୍ତୁ ଯାହା ଅଞ୍ଚଳ ବାସୀଙ୍କ ମୁଖ୍ୟ ଦାବି ରୂପେ ଆସୁଛି ।

ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦେଖିଲେ ଆପଣ ନିଜକୁ ଧିକାର କରିବେ । ଜିଲ୍ଲାରେ ୧,୪୪୦,୩୬୧ ଜନସଂଖ୍ୟା ଅଛିନ୍ତି । ୯ଟି ବ୍ଲକ ହେଲେ ମେଡିକାଲରେ ଡାକ୍ତର ନାହାନ୍ତି । ଆଜି ଯେତେବେଳ କେନ୍ଦ୍ରାପଡାବାସି ଏକ ମେଡିକାଲ କଲେଜ ଆବଶ୍ୟକ କରୁଛନ୍ତି ସେତେବେଳେ ତାଙ୍କୁ ଲଲିପପ୍ ସଦୃଶ ଆୟୁର୍ବେଦ ମେଡିକାଲ ପାଇଁ ପ୍ରସ୍ତାବ ଦେଉଛନ୍ତି ! ଏଠି ଯଦି କାହାକୁ ଟିକେ ଥଣ୍ଡା ଜ୍ୱର ହେଉଛି କି କିଛି ଛୋଟ ଅସୁବିଧା ହେଲେ ସେ ଯଦି ମେଡିକାଲ ଯାଉଛି ତାକୁ ଜ଼ିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ Ref. to SCB ଏମିତି ଲେଖା ମିଳୁଛି । ଯେହେତୁ ଜ଼ିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଅତ୍ୟାଧୁନିକ ସାମଗ୍ରୀ ଯଥା:- XRAY , MRI , Ultrasound ପରି ଅତ୍ୟାଧୁନିକ ଯନ୍ତ୍ରାଂଶ ନଥିବାରୁ ଲୋକମାନଙ୍କୁ କଟକ ବଡମେଡିକାଲ ଯିବାକୁ ପଡୁଛି ! ଯଦି କେହି ଗୁରୁତର ରୋଗୀ ଆସୁଛନ୍ତି ICU ବ୍ୟବସ୍ଥା ନଥିବାରୁ ତାଙ୍କୁ ବଡମେଡିକାଲ ସ୍ଥାନାନ୍ତରିତ କରାଯାଉଛି, ଯାହାଫଳରେ ରୋଗୀର ମୃତ୍ୟୁ ହେଉଛି ।

ଆପଣ ଯଦି ରାଜନୀତିକ ଦୃଷ୍ଟିକୋଣରୁ ଦେଖନ୍ତି କେନ୍ଦ୍ରାପଡା ଜ଼ିଲ୍ଲା ସ୍ୱତନ୍ତ୍ର ଏହି ଜିଲ୍ଲା ଦିନେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ କର୍ମ ଭୂମି ଥିଲା । ଯେତେବେଳେ ବିଜୁ ବାବୁ ନିର୍ବାଚନରେ ହରି ଆସୁଥିଲେ ଏହି ଜ଼ିଲ୍ଲାବାସୀ ତାଙ୍କୁ ବିଜୟର ସ୍ୱାଦ ଚଖେଇଥିଲେ । ଏହି ଜ଼ିଲ୍ଲାରୁ ନିର୍ବାଚିତ ହୋଇ ଶ୍ରୀକାନ୍ତ ଜେନା କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି ଏହି ଜ଼ିଲ୍ଲାରୁ ଆଜି ଅତନୁ ନାୟକ, ପ୍ରତାପ ବାବୁ, ବେଦୁ ବାବୁ, ନଳିନୀ ମହାନ୍ତି, ସିପ୍ରା ମଲ୍ଲିକଙ୍କ, ବିଜୟ ମହାପାତ୍ର ଭଳି ନେତା ନିର୍ବାଚିତ ହୋଇ ମନ୍ତ୍ରୀ ହୋଇଛନ୍ତି । ଏହି ଜ଼ିଲ୍ଲାକୁ ଶାସକ ଦଳ ବିଜେଡିର ଗଡ ବୋଲି କୁହାଯାଏ । ଏହି ଜ଼ିଲ୍ଲାବାସୀ ପ୍ରତି ନିର୍ବାଚନରେ ଶାସକ ଦଳ ପାଇଁ ସଂଜୀବନୀ ହୁଅନ୍ତି ହେଲେ ସେହି ଶାସକ ଦେଲେ ଆଜି କେନ୍ଦ୍ରାପଡାକୁ ହତଉତ୍ସାହିତ କରିଛି । କେନ୍ଦ୍ରାପଡ଼ା ଜ଼ିଲ୍ଲାବାସି ଏମିତି ଜଣେ ସାଂସଦକୁ ବାଛିଛନ୍ତି ସେ ସଂସଦୀୟ କ୍ଷେତ୍ର ସମସ୍ୟା କମ ନିଜ ପାରିବାରିକ ସମସ୍ୟାରେ ବେଶି ଛନ୍ଦି ହେଇଛନ୍ତି । ଯଦି ଜ଼ିଲ୍ଲାବାସୀଙ୍କୁ ପଚରାଯାଏ ତାଙ୍କ ସାଂସଦଙ୍କ ନାମ ଆଉ କେବେ ଦେଖିଥିଲେ ବୋଧେ ସେଇଟାବି ଜ଼ିଲ୍ଲାବାସୀ ଭୁଲିଯାଇଥିବେ । ସାଂସଦ ମହାଶୟ ବୋଧେ ସଂସଦୀୟ କ୍ଷେତ୍ରରେ ନିଜର ଉପସ୍ଥିତ କମ ସୋସିଆଲ ମେଡିଆ ଉପସ୍ଥିତ ଅଧିକ ଦେଖାଉଛନ୍ତି ! ଚଳିତ ସଂସଦ ଅଧିବେଶନରେ ବାବୁ ମଧ୍ୟ ଅନୁପସ୍ଥିତ ଥିଲେ କାହିଁକିନା ବାବୁଙ୍କର ଏକ ନୂଆ ଚଳଚିତ୍ର ଆସୁଛି ବାବୁ ସେଥିରେ ବ୍ୟସ୍ତ ଆଉ ବାବୁ ମିଛ ବାହାଘର ଭିଡିଓ ଛାଡ଼ି ମିଡିଆ ସେଂସନ୍ ହେଉଛନ୍ତି । ସବୁବେଳେ କେନ୍ଦ୍ର ରାଜ୍ୟ ମଧୁଚନ୍ଦ୍ରିକାରେ ବଳି ପଡୁଛି କେନ୍ଦ୍ରାପଡା । ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ କେନ୍ଦ୍ରାପଡା ବାସୀ ରେଳ କଣ ଜାଣିପାରିଲେ ନାହିଁ । ଏଠି ବିଜେଡି କହୁଛି ଆମେ ରେଳ ଲାଇନ ଆଣିଛୁ ପଣ୍ଡା ବାବୁ କହୁଛନ୍ତି ମୁଁ ସାଂସଦ ଥିବା ସମୟରେ ରେଳ ପ୍ରକଳ୍ପ ଆଣିଥିଲି । ଆମେ କେନ୍ଦ୍ରାପଡା ବାସୀ ବି ଭକୁଆ ଆମେ ସବୁବେଳେ ଅଳ୍ପରେ ସନ୍ତୁଷ୍ଟ । କେନ୍ଦ୍ରାପଡ଼ାକୁ ରେଳ ଲାଇନି ଆସିଲା ହେଲେ ସେଇଟା ହରିଦାଶପୁର ପାରାଦୀପକୁ ଆଉ ଷ୍ଟେସନ ରହିଲା ଜଗତପୁର ପାଖରେ । ଆମେ କହିଲେ କେନ୍ଦ୍ରାପଡାକୁ ରେଳ ଆସିଲା ଆଉ ଖୁସିରେ ଗଦଗଦ ହେଲେ । ସେଥିରେ ବି ଆମେ ସନ୍ତୁଷ୍ଟ ହେଲେ, ହେଲେ ମାଲବାହୀ ରେଳ ଚଳିବାର ୩ବର୍ଷ ପରେ ମଧ୍ୟ ଯାତ୍ରୀବାହୀ ରେଳ ଚଳିପାରିଲା ନାହିଁ କି କେନ୍ଦ୍ରାପଡା ମୁଖ୍ୟାଳୟ ଦୁହୁରିଆ ଠାରେ ଷ୍ଟେସନ ହୋଇପାରିଲା ନାହିଁ । ଆମେ ତ କେନ୍ଦ୍ରାପଡା ବାସୀ ଆମର ଦାୟିତ୍ୱ ଖୋଦ ମୁଖ୍ୟମନ୍ତ୍ରୀ ନେଇଛନ୍ତି ଆମର କଣ ଯାଉଛି ଏହି ଭାବନାରେ ରହି ଆଜି ଏହି ସଂଗ୍ରାମୀ ମାଟି ନିଜର ପରିଚୟ ହରେଇବାକୁ ବସିଲାଣି । ସମୟ ଆସିଗଲାଣି ନିଜ ମାଟି ପାଇଁ ପାଟି ଖୋଲିବାର, ନିଜ ହକ ପାଇଁ ଲଢ଼ିବାର, ନିଜର ଦାବି ରଖିବାର । ଶେଷରେ ଆମେ ଜଣେଇ ଦେବା ଆମେ ଅଧା ମଣିଷ ଅଧା ଘୋଡା ମାଟିର ପିଲା ନୁହଁ, ଆମେ ସଂଗ୍ରାମୀ ମାଟିର ପିଲା, ଆମେ ପ୍ରଭୁ ବଳଦେବଜୀୟୁ ମାଟିର ପିଲା ଭାବେ କେମିତି ନିଜ ଅଧିକାର ନିଜେ ଆଣିବାକୁ ହୁଏ ଜଣେଇ ଦେବା !



**(ସମାପ୍ତି)**

**ମୋ : ୯୯୩୮୫୨୧୬୦୮**

# ନୂଆ ଯୁଗର ନୂଆ ରୋଗକୁ ସାବଧାନ !

ଡାକ୍ତର କାନ୍ତୀ ନାୟକ

ଶରୀର ରହିଲେ ବ୍ୟାଧି ରହିବ ଏବଂ ଏଥିରେ କିଛି ନୂତନତ୍ୱ ନାହିଁ । ବ୍ୟାଧିରୁ ଦୂରେଇ ରହିବା ଏବଂ ଏହାର ନିବାରଣ କରିବା ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ । ଜନସଂଖ୍ୟା ବୃଦ୍ଧି ସହିତ ବ୍ୟାପକ ସହରାୟନ ତଥା ଜୀବନଶୈଳୀରେ ପରିବର୍ତ୍ତନ ଫଳରେ ନୂଆ ନୂଆ ରୋଗ ସୃଷ୍ଟି ହେଉଛି ଏବଂ ରୋଗୀଙ୍କ ସଂଖ୍ୟା ବଢୁଛି । ଜଳବାୟୁ ପରିବର୍ତ୍ତନ, ଆଧୁନିକ ସମାଜର ସାମାଜିକ ଆର୍ଥିକ ଚାପ, ନିଃସଙ୍ଗତା, ବ୍ୟସ୍ତବହୁଳତା, ସୁଷମ ଖାଦ୍ୟର ଅଭାବ ସବୁ ବିକଶିତ ଓ ବିକାଶଶୀଳ ସମାଜ ପାଇଁ ନୂଆ ବ୍ୟାଧି ଏବଂ ସ୍ୱାସ୍ଥ୍ୟଗତ ଆହ୍ୱାନ ସୃଷ୍ଟି କରିଛି । ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଜ୍ଞାନର ଉଲ୍ଲେଖନୀୟ ଅଗ୍ରଗତି ସତ୍ତ୍ୱେ ଏହି ବର୍ଗର ବ୍ୟାଧିର ଜଟିଳତା ଓ ବ୍ୟାପକତା ସବୁ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ସ୍ୱାସ୍ଥ୍ୟ ବଜେଟ, ଡାକ୍ତର, ଚିକିତ୍ସା କେନ୍ଦ୍ର, ଭେଷଜ ଓ ସେବା ଆଦିର ବୃଦ୍ଧି ଘଟିଛି ସତ, ତଥାପି ଅନେକ ଦେଶ ଓ ସମାଜ ଏବେ ମଧ୍ୟ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ ପ୍ରାରମ୍ଭିକ ସ୍ତରରେ ରହିଛନ୍ତି । ଭାରତ ଓ ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡ଼ି ନାହାନ୍ତି । ତେଣୁ ସରକାର ଲୋକଙ୍କୁ ସୁସ୍ଥ ଓ ନିରୋଗ ରଖିବାକୁ ନାନାବିଧ ରଣନୀତି ପ୍ରୟୋଗ କରୁଛନ୍ତି । ଭାରତ ତ ଏବେ ବିଶ୍ୱର ଡାଇବେଟିସ ରାଜଧାନୀରେ ପରିଣତ ହୋଇସାରିଛି ।

ଏଭଳି ସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିକଟରେ ଯେଉଁ ରିପୋର୍ଟ ପ୍ରକାଶ କରିଛି, ତାହା ଭାରତ ଭଳି ଦେଶଙ୍କ ଚିନ୍ତା ଓ ଦାୟିତ୍ୱ ବଢ଼ାଇବା ସ୍ୱାଭାବିକ । ଏହି ରିପୋର୍ଟ ଅନୁସାରେ ୨୦୩୦ ସୁଦ୍ଧା ଅର୍ଥାତ୍ ଆଉ ପ୍ରାୟ ସାତବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ୫୦ କୋଟି ଲୋକ ହୃଦରୋଗ ଓ ମଧୁମେହରେ ଆକ୍ରାନ୍ତ ହୋଇସାରିଥିବେ । ୨୦୨୦ରୁ ଏହି ଅଣସଂକ୍ରାମକ ବ୍ୟାଧିଗୁଡ଼ିକର ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଆଧୁନିକ ଯୁଗର ସବୁଠୁ ବଡ଼ ମାରାତ୍ମକ ବ୍ୟାଧି ହେଲା ଉଚ୍ଚ ରକ୍ତଚାପ । ପ୍ରବଳ ମାନସିକ ଚାପ ଓ ବ୍ୟଗ୍ରତା କେବଳ ରକ୍ତଚାପ ବଢ଼ାଏ ନାହିଁ, ଏହା ମାନସିକ ଅବସାଦ, ହୃଦରୋଗ, ମଧୁମେହ, ହୃଦଘାତ, କ୍ୟାନସର ଓ ଆହୁରି ଅନେକ ରୋଗକୁ ଡ଼ାକିଆଣେ । ମଣିଷ ତ ଚିନ୍ତାମୁକ୍ତ ହୋଇ ରହିବା ସହଜ ନୁହେଁ । ତେଣୁ ଏଭଳି ଅଣସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢ଼ିବା ସ୍ୱାଭାବିକ । ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ନ ବ୍ୟାପିଲେ ମଧ୍ୟ ଆପଣା ଛାଏଁ ଚାପ ଓ ଉତ୍ତେଜନାରୁ ଲୋକଙ୍କ ମଧ୍ୟରେ ସୃଷ୍ଟି ହୁଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏହି ରିପୋର୍ଟରେ ଯଥାର୍ଥରେ କୁହାଯାଇଛି ଯେ ଶାରୀରିକ ବ୍ୟାୟାମର ଅଭାବ ଏହି ଅଣସଂକ୍ରାମକ ରୋଗବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ । ତେଣୁ ଲୋକଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାକୁ ଅଧିକରୁ ଅଧିକ ଶାରୀରିକ ଶ୍ରମ, ବ୍ୟାୟାମ ଆଦି କରିବାକୁ ପଡ଼ିବ । ଏଥିପାଇଁ ଖର୍ଚ୍ଚ ପ୍ରାୟ କିଛି ପଡ଼େ ନାହିଁ କହିଲେ ଚଳେ । ଏହା କିନ୍ତୁ ଏସବୁ ବ୍ୟାଧି ପାଇଁ ସବୁଠୁ ବଡ଼ ଔଷଧ । ଅଣସଂକ୍ରାମକ ରୋଗ ବୃଦ୍ଧି ଫଳରେ ବିଭିନ୍ନ ଦେଶର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରିବାକୁ ବାଧ ହେବେ ଏବଂ ତା ଫଳରେ ସେମାନଙ୍କ ବିକାଶ ବାବଦ ବ୍ୟୟ ଅଟକଳ ବଢ଼ିବା ସ୍ୱାଭାବିକ । ସଂଗଠନର ହିସାବ ଅନୁସାରେ ଏହିସବୁ ବ୍ୟାଧିର ଚିକିତ୍ସା ପାଇଁ ଦେଶ ଗୁଡ଼ିକୁ ବାର୍ଷିକ ୨୨ ଟ୍ରିଲିଅନ ଟଙ୍କା ଖର୍ଚ୍ଚ କରିବାକୁ ହେବ ।

ଭାରତ ଭଳି ଜନବହୁଳ ଦେଶରେ ବୟସ୍କଙ୍କ ସଂଖ୍ୟା ମଧ୍ୟ ଆନୁପାତିକ ଭାବେ ବଢୁଛି । ସେମାନଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ । ଚିନ୍ତାର ବିଷୟ ହେଲା ଯୁବ ବର୍ଗଙ୍କ ମଧ୍ୟରେ ଏବେ ମଧୁମେହ ଟାଇପ-୨ , ରକ୍ତଚାପ, ହୃଦରୋଗ, କ୍ୟାନସର, ହାଇପରଟେନସନ ଆଦି ରୋଗ ଅଧିକ ଦେଖାଦେଉଛି । ଏହାର ମୂଳ କାରଣ ହେଲା ସୁଷମ ଖାଦ୍ୟ ଗ୍ରହଣରେ ଅନିୟମିତତା ଏବଂ ଶାରୀରିକ ବ୍ୟାୟାମ ଓ କସରତର ଅଭାବ । ଜୀବନ ତ ସର୍ବଦା ସଂଘର୍ଷମୟ ଏବଂ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଥାଏ । ତା ସତ୍ତ୍ୱେ ନିଜର ବ୍ୟସ୍ତ ବହୁଳ ଜୀବନରୁ ସମୟ ବାହାର କରି ନିଜକୁ ସୁସ୍ଥ ରଖିବାକୁ ଶାରୀରିକ କାର୍ଯ୍ୟ ଓ ବ୍ୟାୟାମ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ସର୍ବୋପରି ଜୀବନରେ ସଫଳତା ଓ ବିଫଳତାକୁ ସମାନ ଭାବେ ଗ୍ରହଣ କରି ମାନସିକ ଭାରସାମ୍ୟ ବଜାୟ ରଖିବାକୁ ପଡ଼ିବ । ଭାରତ ସମେତ ଅନେକ ଦେଶ ନିଜର ନାଗରିକଙ୍କ ଶାରୀରିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତରେ ପ୍ରାଚୀନ ପରମ୍ପରା ଅନୁସାରେ ଯୋଗ, ପ୍ରାଣାୟମ, ସାନ୍ଧ୍ୟ ଓ ପ୍ରାତଃ ଭ୍ରମଣ ଆଦିକୁ ପ୍ରୋତ୍ସାହିତ କରାଯାଉଛି । ଖାଦ୍ୟପେୟରେ ସଂଯମକୁ ଗୁରୁତ୍ୱ ଦିଆଯାଉଛି ଏବଂ ଏଥିପାଇଁ ସଚେତନତା ସୃଷ୍ଟି ସବୁସ୍ତରରେ ଚାଲିଛି । ଭାରତ ମଧ୍ୟ ଏକ ଶାରୀରିକ କାର୍ଯ୍ୟକ୍ରମ ନୀତି ପ୍ରଣୟନ କରିଛି । ତେବେ ବିଶ୍ୱର ଅର୍ଦ୍ଧାଧିକ ଦେଶରେ ଏଭଳି କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ନାହିଁ । ତଥାପି ଭାରତ ପାଇଁ ଚିନ୍ତାର ବିଷୟ ହେଉଛି, ଆମର ଅଧିକାଂଶ ଲୋକ, ବିଶେଷକରି ନଗରବାସୀ ଓ ବୟସ୍କ ଶାରୀରିକ ଶ୍ରମ ଏବଂ ବ୍ୟାୟାମ ଠାରୁ ଦୂରେଇ ରହୁଛନ୍ତି । ସରକାର ସବୁକଥା କରିପାରିବେ ନାହିଁ । ନିଜକୁ ସକ୍ଷମ ଓ ସୁସ୍ଥ ରଖିବାର ମୂଳ ଦାୟିତ୍ୱ ଜନସାଧାରଣଙ୍କର । ଜିହ୍ୱା ଲାଳସାରେ ପ୍ରଚୁର ସୁଆଦିଆ, ତେଲ ମସଲା ଓ ମିଠା ଭୋଜନ ଅତ୍ୟନ୍ତ ବିପଜ୍ଜନକ । ଏହାକୁ ହଜମ କରିବାକୁ ଶାରୀରିକ ଶ୍ରମ ଓ ପାଚନ ପ୍ରକ୍ରିୟାର ସୁସ୍ଥତା ଲୋଡ଼ା । ଏବେ ଏପରି ସମୟ ଆସିଛି, ଆମକୁ ଖାଇବା ପାଇଁ ବଞ୍ଚିବାକୁ ହେବନାହିଁ ବରଂ ସୁସ୍ଥରେ ବଞ୍ଚିବା ପାଇଁ ଭାବିଚିନ୍ତି ଖାଇବାକୁ ପଡ଼ିବ । ଆମ ଭିତରେ ଏହି ସଚେତନତା ଆସିଲେ ଏହା ଜନସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରୁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ । କଥାରେ ଅଛି ନିଜ ସ୍ୱାସ୍ଥ୍ୟ ନିଜ ହାତରେ । ସ୍ୱାସ୍ଥ୍ୟ ହିଁ ସମ୍ପଦ, ଉଭୟ ବ୍ୟକ୍ତି ଓ ଜାତୀୟ କ୍ଷେତ୍ରରେ ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, E-mail : drkanti111nayak@gmail.com**

# ନକ୍ସଲ ସହ ଗୁଳି ବିନିମୟରେ ୫ ଯବାନ ଆହତ



ରାଞ୍ଚି, ୧୧।୧ (ଏଜେନ୍ସି) : ଝାରଖଣ୍ଡରେ ନକ୍ସଲ ଓ ସିଆର୍ପିଏଫ୍ ସେନା ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ୫ ସେନା ଯବାନ ଆହତ ହୋଇଛନ୍ତି। ଆଇଇଡି ବିସ୍ଫୋରଣ ହେବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ତେବେ। ତେବେ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଆହତ ଯବାନଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରଯାଇଛି। ଗୁଳିବିନିମୟ ବେଳେ ନକ୍ସଲମାନେ ଜଙ୍ଗଲରେ ଆଇଇଡି ବିଛେଇ ରଖିଥିଲେ। ହେଲ ଯବାନମାନେ ଏହା ଜାଣିପାରି ନଥିଲେ। ଗୁଳିବିନିୟମ ସମୟରେ ଆଇଡି ସମ୍ପର୍କରେ ଆସିବାରୁ ଏହା ଭୟଙ୍କର ବିସ୍ଫୋରଣ ହୋଇଥିଲା। ତୋନ୍ତୋ ପୁଲି ଷ୍ଟାସନ ଏରିଆ ତମ୍ବହକା ଠାରେ ଏହି ବିସ୍ଫୋରଣ ହୋଇଥିଲା। ଆହତ ହୋଇଥିବା ଯବାନାମାନେ ଚଇବାସ ପୁଲିସର କୋବ୍ରା ବାଟାଲିଅନ। ନକ୍ସଲ ସର୍ଚ୍ଚ ଅପରେସନ ବଳେ ଏହି ବିସ୍ଫୋରଣ ହୋଇଥିଲା ବୋଲି ସୂଚନା ମିଳିଛି। ତେବେ ଏହି ଦୁର୍ଘଟଣାରେ କାହାର ମୃତ୍ୟୁ ହୋଇ ନାହିଁ ବୋଲି ସେନା ପକ୍ଷରୁ ସୂଚନା ମିଳିଛି। ଆହତ ଯବାନମାନଙ୍କୁ ଚିକିତ୍ସା ପାଇଁ ଏୟାର ରିଫ୍ଟ କରି ରାଞ୍ଚି ଅଣାଯାଇଛି।

# କର୍ଣ୍ଣାଟକର ୫ଟି ସ୍ଥାନରେ ଇଡି ରେଡ୍

ବେଙ୍ଗାଲୁରୁ, ୧୧।୧ (ଏଜେନ୍ସି) : ମାଙ୍ଗାଲୁରୁ ବ୍ଲାଷ୍ଟ ମାମଲାରେ ଆକ୍ସନକୁ ଆସିଛି ପ୍ରବ□ନ ନିର୍ଦ୍ଦେଶାଳୟୟ ଜାତୀୟ ଅର୍ଥନୈତିକ ଯାଞ୍ଚ ଏଜେନ୍ସି ବୁଧବାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବିସ୍ଫୋରଣ ସାମିଲ ଥିବା ବ୍ୟକ୍ତି ସମ୍ପର୍କୀୟଙ୍କ ଠିକଣାରେ ଚଢ଼ାଉ କରିଛି ଇଡି ୟ ମିନିଲଣ୍ଡରିଂ ମାମଲାରେ ୫ଟି ସ୍ଥାନରେ ରେଡ୍ ମାରିଛି ଟିମ୍ ୟ ବ୍ଲାଷ୍ଟ ଘଟଣାର ମୁଖ୍ୟ ଅପରାଧୀ ମହମ୍ମଦ ଶାରିକର ଶିବମୋଗା ସ୍ଥିତ ଘରେ ଇଡି ଚଢ଼ାଉ କରିଛିୟ ଏହି ଚଢାଉ ବେଳେ ବିସ୍ଫୋରଣରେ ସ୍ଥାନୀୟ କଂଗ୍ରେସ ନେତାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀ ତୀର୍ଥହଲ୍ଲୀ ସ୍ଥିତ କମ୍ପ୍ଲେକ୍ସରେ ପହଞ୍ଚିଥିଲା । ସୋପାଗୁଡ୍ଡାରେ ଥିବା ଏହି ବିଲ୍ଡିଂ ମୁଖ୍ୟ ଅଭିଯୁକ୍ତ ଶାରିକର ବାପାଙ୍କ ନାଁରେ ରହିଛି । ଯେଉଁଠାରେ କଂଗ୍ରେସ ନେତା କିମାନେ ରତ୍ନାକର ନିଜର ମୁଖ୍ୟାଳୟ କରିଥିଲେ । ଏକ ମିଡିଆ ରିପୋର୍ଟ ମୁତାବକ, କଂଗ୍ରେସର କାର୍ଯ୍ୟାଳୟ ପାଇଁ ବ୍ଲାଷ୍ଟରେ ସମ୍ପୃକ୍ତି ଥିବା ମୁଖ୍ୟ ଅଭିଯୁକ୍ତ ପରିବାର ଠାରୁ ଏହି କମ୍ପ୍ଲେକ୍ସକୁ ଲିଜ୍ ନେଇଥିଲେ । ଏହି କମ୍ପ୍ଲେସ ପାଇଁ ଶରିକ୍ ବାପାଙ୍କ ସହିତ କଂଗ୍ରେସ ନେତା କିମାନେ ରତ୍ନାକରଙ୍କ ସମ୍ପର୍କୀୟ ସହିତ ବୁଝାବଣା ହୋଇଥିଲା । ଅଫିସ୍ ପାଇଁ ପ୍ରତି ମାସ ୧୦ ହଜାର ଟଙ୍କା ଭଡ଼ା ଦେବାକୁ ଚୁକ୍ତି ହୋଇଥିଲା । ଏନେଇ ୧୦ଲକ୍ଷ ଟଙ୍କା ସିକ୍ୟୁରିଟି ଡିପୋଜିଟ୍ ଦେଇଥିଲେ । ହେଲେ ଚୁକ୍ତି ଶେଷ ହେବା ପୂର୍ବରୁ ଟଙ୍କା ଫେରସ୍ତ କରିବାକୁ ରତ୍ନାକର ଜୋର୍ ଦେଇଥିଲେ । ଏହା ଉପରେ ତଦନ୍ତ ଚଳାଇଛି ଇଡି । ଏନେଇ ସମସ୍ତ କାଗଜପତ୍ର ମଧ୍ୟ ଯାଞ୍ଚ ଏଜେନ୍ସି ମାଗିଛି । ଗତ ନଭେମ୍ବର ୧୯ ତାରିଖ ଶନିବାର ମାଙ୍ଗାଲୁରୁ ରାସ୍ତାରେ ଏକ ଅଟୋରିକ୍ସା ଯାଉଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଅଟୋରେ ନିଆଁ ଲାଗିଯିବା ସହିତ ଧୂଆଁ ବାହାରିଥିଲାୟ ଏଥିରେ ଡ୍ରାଇଭର ସମେତ ଯାତ୍ରୀ ବି ଆହତ ହୋଇଥିଲେୟ ତୀର୍ଥହଲ୍ଲୀ ଅଞ୍ଚଳରେ ରହୁଥିବା ୨୪ବର୍ଷୀୟ ମହମ୍ମଦ ସରିକ୍ ବ୍ଲାଷ୍ଟ୍ ଯୋଜନା କରିଥିଲା । ଏହାର ଗୋଟିଏ ଦିନ ପୂର୍ବରୁ ଏନଆଇଏ ଦ୍ୱାରା ମାଜିନ ଅବଦୁଲ୍ଲା ଏବଂ ନଦିମ ଅହମଦ ଆଇଏସଆଇଏସ ଷଡ଼ଯନ୍ତ୍ର ମାମଲାରେ ଗିରଫ କରିଥିଲା ।

# ମହିଳାଙ୍କ ଶିକ୍ଷାକୁ ବ୍ୟାନ୍ କରାଯାଇ ନାହିଁ ବରଂ ସ୍ଥଗିତ ରଖାଯାଇଛି: ତାଲିବାନ



ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି) : ସ୍କୁଲ ଓ ୟୁନିଭର୍ସିଟିରୁ ମହିଳାଙ୍କୁ ବ୍ୟାନ୍ କରିବା ପରେ ନାରୀ ଶିକ୍ଷା ନେଇ ବିବୃତ୍ତି ଜାରି କରିଛି ତାଲିବାନୟ କହିଛି ଦେଶରେ ମହିଳାଙ୍କ ଶିକ୍ଷାକୁ ବ୍ୟାନ୍ କରାଯାଇ ନାହିଁ ବରଂ ସ୍ଥଗିତ ରଖାଯାଇଛି। ଅର୍ଥାତ୍ ତାଲିବାନ ରାଜ୍ରେ ନାରୀ ଶିକ୍ଷା ପ୍ରତି ଏବେ ବି ସମ୍ଭାବନା ରହିଛି। ୨୦୨୨ ଡିସେମ୍ବର ମାସରେ ତାଲିବାନ ଦେଶର ସମସ୍ତ ମହିଳାଙ୍କୁ ୟୁନିଭର୍ସିଟି ଓ କଲେଜ୍ ଯିବାକୁ ଉପରେ ବ୍ୟାନ ଲଗାଇଥିଲାୟ ପରବର୍ତ୍ତୀ ନିଷ୍ପତ୍ତି ନ ଆସିବା ଯାଏ ମହିଳାମାନେ କଲେଜ୍ କି ୟୁନିଭର୍ସିଟି ଯାଇପାରିବେ ନାହିଁ ବୋଲି ତାଲିବାନ କହିଥିଲେ। ହେଲେ ଜାନୁଆରୀ ଶେଷ ହେବା ଆଡ଼କୁ ଯାଉଥିବା ବେଳେ ମହିଳାଙ୍କ ଶିକ୍ଷା ପାଇଁ ତାଲିବାନ ସରକାରଙ୍କର ପକ୍ଷରୁ କୌଣସି ନୂଆ ଘୋଷଣା କରାଯାଇ ନାହିଁ। ଷଷ୍ଠ ଶ୍ରେଣୀ ପରେ ମହିଳାଙ୍କ ଶିକ୍ଷ ଉପରେ ବ୍ୟାନ ଲଗାଇଥିବାରୁ ଦେଶରେ ପ୍ରବଳ ବିରୋଧ ଦେଖିବାକୁ ମିଳିଥିଲା। ହେଲେ ଏବେ ମହିଳାଙ୍କ ଶିକ୍ଷା ସ୍ଥଗିତ ନେଇ ତାଲିବାନ ପକ୍ଷରୁ ଜାରି ହୋଇଥିବା ବୃବିତ୍ତିକୁ ନେଇ ଏହାର ପ୍ରବକ୍ତା କହିଛନ୍ତି ମୁଁ ଏହା ସ୍ପଷ୍ଟ କରିଦେବାକୁ ଚାହେଁ ଯେ ମହିଳା ଶିକ୍ଷା ପାଇଁ କୌଣସି ସ୍ଥାୟୀ ବ୍ୟାନ୍ ନାହିଁ। ଯେପର୍ଯ୍ୟନ୍ତ ଏଥିପାଇଁ ସୁବ୍ୟବସ୍ଥା ଓ ପରିବେଶ ତିଆରି କରା ନଯାଇଛି ସେ ପର୍ଯ୍ୟନ୍ତ ମହିଳା ଶିକ୍ଷାକୁ ସ୍ଥଗିତ ରଖାଯାଇଛି। ଇଣ୍ଡିପେଣ୍ଡେଣ୍ଟରେ ପ୍ରକାଶିତ ଖବର ଅନୁସାରେ ତାଲିବାନ ପ୍ରବକ୍ତା ସୁହେଲ ଶାହୀନି ଏପରି କହିଛନ୍ତି। ତେବେ ଏଥିପାଇଁ ଯେତେଶୀଘ୍ର ହୋଇପାରିବ କାମ ଚାଲିଛି ବୋଲି ତାଲିବାନ ପ୍ରବକ୍ତା କହିଛନ୍ତି। ସେ ଆହୁରି କହିଛନ୍ତି ମହିଳା ଶିକ୍ଷା ବିରୋଧ ନୁହେଁ ହେଲେ ଆମେ ଚାହୁଁଛୁ ମହିଳାମାନେ ଆମର ମୂଲ୍ୟ ବୋଧ ଓ ନିୟନ ଭିତରେ ରହି ଶିକ୍ଷାଗ୍ରହଣ କରନ୍ତୁ। ଇଣ୍ଡିପେଣ୍ଡେ□କୁ ଏପରି କହିଛନ୍ତି ସୁହେହଲ ଶାହୀନି। ତେବେ କାହିଁକି ତାଲିବାନ ସରକାର ହଠାତ୍ ମହିଳାଙ୍କ ଶିକ୍ଷା ବନ୍ଦ କରିଦେଲେ ସେ ନେଇ କିନ୍ତୁ କିଛି କୁହାଯାଇ ନାହିଁ।

# ଖାଇକୁ ଖସିଲା ସେନା ଗାଡ଼ି, ଦୁର୍ଘଟଣାରେ ୩ ଯବାନ ସହିଦ



ଶ୍ରୀନଗର, ୧୧।୧ (ଶ୍ରୁ.ମି) : ଜାମ୍ମୁ-କାଶ୍ମୀରରେ କୁପୱାଡ଼ାରେ ଅଘଟଣ । ବରଫ ଖାଇକୁ ଖସିଲା ଭାରତୀୟ ସେନା ଗାଡ଼ି । ଦୁର୍ଘଟଣା ଯୋଗୁ ୩ଜଣ ଯବାନଙ୍କ ମୃତ୍ୟୁ ହୋଇଛି । ସହିଦ ଯବାନଙ୍କ ମରଶରୀରକୁ ଉଦ୍ଧାର କରିଛି ସୁରକ୍ଷାବଳ । ପ୍ରବଳ ଥଣ୍ଡା ସହିତ ବରଫ ବର୍ଷା ଯୋଗୁ ପାଟ୍ରୋଲିଂରେ ସମସ୍ୟା ସୃଷ୍ଟି ହେଉଛି । ସୂଚନା ଅନୁଯାୟୀ, ମଚ୍ଛିଲ୍ ସେକ୍ଟରରେ ସୁରକ୍ଷାବଳ ପାଟ୍ରୋଲିଂ କରୁଥିବା ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି । କୁପୱାଡ଼ା ନିକଟରେ ଯବାନଙ୍କ ଗାଡ଼ି ଏକ ବଡ଼ ଖାଇକୁ ଖସିପଡ଼ିଥିଲା । ଫଳରେ ସେଥିରେ ବସିଥିବା ୩ଜଣ ଯବାନ ସହିଦ ହୋଇଛନ୍ତି । ଫରୱାର୍ଡ ଏରିଆରେ ବରଫ ବର୍ଷା ଯୋଗୁ ସେନା ଗାଡ଼ି ସ୍ଲିପ୍ କରି ଖାଇକୁ ଖସିଯାଇଥିଲା । ସହିଦ ଯବାନଙ୍କ ମଧ୍ୟରେ ଜଣେ ଜେସିଓ, ଦୁଇ ଜଣ ଓଆରର ଯବାନ ସାମିଲ ରହିଛନ୍ତି । ଲଗାତାର ବରଫ ବର୍ଷା ପଡୁଥିବାରୁ କୁପୱାଡ଼ା ବରଫ ସହିତ ସଂଘର୍ଷ କରୁଛି ସୁରକ୍ଷାବଳ । ଏହା ପୂର୍ବରୁ ନଭେମ୍ବର ମାସରେ କୁପୱାଡାରେ ଗ୍ଲେସିୟର ଫାଟିବାରୁ ୩ ଜଣ ଯବାନ ସହିଦ ହୋଇଥିଲେ । ପାଟ୍ରୋଲିଂ ଗାଡ଼ି ଉପରେ ଅଚାନକ ବରଫ ପାହାଡ଼ ଭାଙ୍ଗିବାରୁ ଦୁର୍ଘଟଣା ଘଟିଥିଲା। ଏବେ ଆଉ ୩ଜଣ ଯବାନ ଦୁର୍ଘଟଣାରେ ସହିଦ ହୋଇଛନ୍ତି । ଆହତ ଯବାନଙ୍କୁ ସେନା ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି ।

# କ'ଣ ସିକ୍ରେଟ୍ ବିବାହ କଲେ ରାକ୍ଷୀ ଏବଂ ଆଦିଲ !



ମୁମ୍ବାଇ ୧୧।୧ (ଏଜେନ୍ସି) : ବଲିଉଡ୍ର ଡ୍ରାମା କ୍ୱିନ୍ ରାକ୍ଷୀ ସାୱନ୍ତୟ ବର୍ତ୍ତମାନ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଦାବି ହେଉଛି ଯେ ସେ ଲୁଚିକି ବିବାହ କରି ନେଇଛନ୍ତି । ରାକ୍ଷୀ ଯାହାକୁ ବିବାହ କରିଛନ୍ତି ସେ ଆଉ କେହି ନୁହେଁ ବରଂ ପ୍ରେମିକ ଆଦିଲ ଦୁରାନୀ । ଯାହାର ଏକ ଫଟୋ ଭାଇରାଲ୍ ହେବାରେ ଲାଗିଛି । ଫଟୋରେ ରାକ୍ଷୀ ଏକ ଲାଲ୍ ସାଲୱାର୍ ସୁଟ୍ ପିନ୍ଧି ସାର୍ଟିଫିକେଟ୍ ଦସ୍ତଖତ କରୁଥିବା ବେଳେ। ଆଦିଲ ତାଙ୍କ ପାଖରେ କଳା ସାର୍ଟ ଏବଂ ନୀଳ ଜିନ୍ସ ପିନ୍ଧି ଛିଡା ହୋଇଛନ୍ତି। ଦ୍ୱିତୀୟ ଫଟୋରେ ଦୁହେଁ ବେକରେ ଫୁଲମାଳ ପକାଇ ଏବଂ ବିବାହ ପ୍ରମାଣପତ୍ର ହାତରେ ନେଇଛନ୍ତି । କହିବାକୁ ଗଲେ ରାକ୍ଷୀ ଏବଂ ଆଦିଲ କିଛି ସମୟ ଦୁହେଁ ସମ୍ପର୍କ ଥିଲେୟ ଉଭୟ ଏହି ସମ୍ପର୍କକୁ ଲୁଚାଇ ନଥିଲେ। କିନ୍ତୁ ଏକ ସାକ୍ଷାତକାରରେ ଆଦିଲ ମଧ୍ୟ କହିଥିଲେ ଯେ ସେ ଧୀରେ ଧୀରେ ନିଜ ପିତାମାତାଙ୍କୁ ମନାଇବା ପାଇଁ ଚେଷ୍ଟା କରୁଛନ୍ତି। ରାକ୍ଷୀ ସାୱନ୍ତ ଏବଂ ଆଦିଲ ଦୁରାନୀଙ୍କ ସମ୍ପର୍କ ବିଷୟରେ ସମସ୍ତେ ଅବଗତ ଅଛନ୍ତି। ଏବେ ଉଭୟଙ୍କ ସିକ୍ରେଟ୍ ବିବାହର ଖବର ମଧ୍ୟ ଆସୁଛି । ସୋସିଆଲ ମିଡିଆରେ କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ପୂର୍ବରୁ ରାକ୍ଷୀ ରିତେଶ ସିଂଙ୍କୁ ବିବାହ କରିଥିଲେ। ତାଙ୍କର ପ୍ରଥମ ବିବାହରୁ ଲୋକମାନେ ଦୀର୍ଘ ସମୟ ଧରି ଦ୍ୱନ୍ଦ୍ୱରେ ପଡ଼ିଥିଲେ। ରାକ୍ଷୀ ରିତେଶଙ୍କର କୌଣସି ଫଟୋ ସେୟାର କରିନଥିଲେ। ତାଙ୍କର ପରିଚୟ ସିଧାସଳଖ ବିଗ୍ ବସ୍ ରେ କରାଇଥିଲେ। ବିଗ୍ ବସ୍ ଛାଡିବା ପରେ ରାକ୍ଷୀ ଏବଂ ରିତେଶ ଅଲଗା ହୋଇ ଯାଇଥିଲେ। ରିତେଶ ପୂର୍ବରୁ ବିବାହିତ ଏବଂ ଏକ ସନ୍ତାନର ପିତା ଥିଲେ। ରାକ୍ଷୀ କହିଛନ୍ତି ଯେ ରିତେଶ କୋର୍ଟରେ ଏହି ଜିନିଷ ତାଙ୍କ ଠାରୁ ଲୁଚାଇ ରଖିଥିଲେ।

# ଦିଲ୍ଲୀରୁ ପଞ୍ଜାବ ୫୦ଟି ସ୍ଥାନରେ ସିବିଆଇର ଜବରଦସ୍ତ ରେଡ୍

ନୂଆଦିଲ୍ଲୀ, ୧୧/୧ (ଏଜେନ୍ସି) : ଦୁର୍ନୀତିଖୋର୍ଙ୍କ ଉପରେ ଆକ୍ସନ ମୋଡରେ ଜାତୀୟ ଯାଞ୍ଚ ଏଜେନ୍ସି। ରାଜଧାନୀ ଦିଲ୍ଲୀରୁ ପଞ୍ଜାବ ପର୍ଯ୍ୟନ୍ତ ୫୦ଟି ସ୍ଥାନରେ ସିବିଆଇ ଟିମ୍ ରେଡ୍ କରିଛି । ଫୁଡ୍ କର୍ପୋରେସନ ଅଫ୍ ଇଣ୍ଡିଆ (ଏଫସିଆଇ) ସ୍କାମରେ ହୋଇଥିବା ଘୋଟାଲା ସହ ଜଡ଼ିତ ମାମଲାରେ ହୋଇଛି ଏହି ରେଡ୍ । ସିବିଆଇ ଦିଲ୍ଲୀ, ହରିୟାଣା, ପଞ୍ଜାବ ସହ ବିଭିନ୍ନ ରାଜ୍ୟରେ ୫୦ ରୁ ଅଧିକ ସ୍ଥାନରେ ରେଡ୍ କରୁଛିୟ କୁହାଯାଉଛି ଯେ ଏଫସିଆଇ ସହ ମିଲ୍ ମାଲିକଙ୍କ ଠିକଣାରେ ଏହି ରେଡ୍ କରାଯାଉଛି। ପ୍ରକୃତରେ ସିବିଆଇ





ଭାରତୀୟ ଖାଦ୍ୟ ନିଗମରେ ହୋଇଥିବା ଘୋଟାଲା ଅଭିଯୋଗରେ ମାମଲା ରୁଜୁ କରିଥିଲାୟ ଏହି ମାମଲାରେ ଏଫସିଆଇର ଜଣେ ଅଧିକାରୀଙ୍କୁ ଗିରଫ ମଧ୍ୟ କରାଯାଇଥିଲାୟ ଖରାପ ମାନର ଶସ୍ୟକୁ ଭଲ ମାନର ଶସ୍ୟ କହି ଭ୍ରଷ୍ଟାଚାର ହେଉଥିଲାୟ ଆଉ ଏହି ଭ୍ରଷ୍ଟାଚାର ବିରୋଧରେ ସିବିଆଇ ରେଡ୍ କରିଛି। ଏକ ରିପୋର୍ଟ ଅନୁଯାୟୀ, ଏଫସିଆଇର ବୈଷୟିକ ସହାୟକଙ୍କ ଠାରୁ କାର୍ଯ୍ୟକାରୀ ନିର୍ଦ୍ଦେଶକଙ୍କ ଭୂମିକା ସିବିଆଇର ଯାଞ୍ଚରେ ରହିଛି। ସେ କହିଛନ୍ତି ଏଫସିଆଇରେ ଜଣେ ଡେପୁଟି ଜେନେରାଲ ମ୍ୟାନେଜର୍ଙ୍କୁ ୫୦ ହଜାର ଟଙ୍କା ଲା□ ନେବାବେଳେ ଗିରଫ କରାଯିବା ପରେ ଏହି ରେଡ୍ ଆରମ୍ଭ ହୋଇଥିଲା।

# ଯାନ୍ତ୍ରିକ ତ୍ରୁଟି କାରଣରୁ ଅଟକି ରହିଛି ଶହ ଶହ ବିମାନ

ନୂଆଦିଲ୍ଲୀ, ୧୧/୧ (ଏଜେନ୍ସି) : ଯାନ୍ତ୍ରିକ ତ୍ରୁଟି ପାଇଁ ଅଟକି ରହିଲା ଅନେକ ବିମାନ। ସମଗ୍ର ଆମେରିକାରେ ବିମାନର ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମରେ ତ୍ରୁଟି କାରଣରୁ ସମଗ୍ର ଆମେରିକାରେ ବିମାନ ଉଡ଼ାଣରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଯାନ୍ତ୍ରିକ ତ୍ରୁଟି କାରଣରୁ ଅନେକ ବିମାନ ଉଡ଼ାଣ ବାତିଲ୍ କରାଯାଇଛି। ଫେଡେରାଲ୍ ଆଭିଏସନ ଆଡିମିନିଷ୍ଟ୍ରେସନ (ଏଫଏଏ) ତରଫରୁ ଏନେଇ ସୂଚନା ଦିଆଯାଇଛି। ତେବେ ବିମାନର ନୋଟିସ୍ ଟୁ ଏୟାର ମିଶନ୍ସ ସିଷ୍ଟମରେ ତ୍ରୁଟି ଦେଖାଯାଇଥିବା ଏହି ଉଡ଼ାଣକୁ ବାତିଲ କରାଯାଇଛି ବୋଲି କୁହାଯାଇଛି। ଏଫଏଏର ଏହି ସିଷ୍ଟମ ପାଇଲଟଙ୍କୁ କୌଣସି ବିପଦ ଏବଂ ବିମାନ ବନ୍ଦରରେ କୌଣସି ପରିବର୍ତ୍ତନ ବିଷୟରେ ଜଣାଇଥାଏ। ଏହି ତ୍ରୁଟି କାରଣରୁ ପ୍ରାୟ ୪୦୦ ବିମାନ ବିଳମ୍ବ ହୋଇଛି। ତେବେ ଏହା କେତେ ସମୟ ମଧ୍ୟରେ ସମାଧାନ ହେବ ସେନେଇ କିଛି ସ୍ପଷ୍ଟ ହୋଇନାହିଁ।

## *ପୁଣି ଥରେ ଠପ୍ ହେଲା ଇନ୍ଷ୍ଟାଗ୍ରାମ୍ ସର୍ଭର*

*ନୂଆଦିଲ୍ଲୀ ୧୧।୧ (ଏଜେନ୍ସି) : ଇନଷ୍ଟାଗ୍ରାମ ମେସେଜିଂ ଆପ୍ ଇଂଷ୍ଟାଗ୍ରାମ ପୁଣି ଥରେ ଡାଉନ ହୋଇଯାଇଛି। ପ୍ରାୟ ୧ ଘଣ୍ଟା ହେବ ଲୋକେ ପରସ୍ପରକୁ ମେସେଜ୍ ଆଦାନପ୍ରଦାନ କରିପାରୁ ନାହାନ୍ତି। ଇଂଷ୍ଟାଗ୍ରାମ ଡାଉନ ନେଇ ଡାଉନ ଇଣ୍ଡିକେଟର ୱେବ୍ ସାଇଟ୍ ଏକ ଟ୍ୱିଟ୍ ମଧ୍ୟ ସେୟାର କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବୁଧବାର ମଧ୍ୟାହ୍ନ ୧୨ଟା ପରଠାରୁ ଇଂଷ୍ଟାଗ୍ରାମ ଡାଉନ ରହିଛି। ଏଣୁ ଲୋକେ ଲଗାତାର ଅଭିଯୋଗ କରୁଛନ୍ତି। ତେବେ ଏ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନି।*

# ମଧୁବାଲା ଚରିତ୍ରରେ ଅଭିନୟ ପାଇଁ ଇଚ୍ଛା ପ୍ରକାଶ କଲେ ୟାମି



ମୁମ୍ବାଇ ୧୧।୧ (ଏଜେନ୍ସି) : ଭାରତୀୟ ସିନେମା ଜଗତର କିମ୍ବଦନ୍ତୀ ତାରକା ତଥା ନିଜର ଫେଭ୍ରିଟ୍ ନାୟିକା ମଧୁବାଲାଙ୍କ ବାୟୋପିକ୍ କରିବାକୁ ଚାହୁଁଛନ୍ତି 'ଉରି' ଗର୍ଲ ୟାମି ଗୌତମୟ ଏକ ଗଣମାଧ୍ୟମ ସହ ସାକ୍ଷାତକାରରେ ତାଙ୍କୁ ପଚରାଯାଇଥିଲା, ସେ କାହାର ବାୟୋପିକ୍ କରିବାକୁ ଚାହିଁବେ । ଉତ୍ତରରେ ୟାମି କହିଥିଲେ 'ସବୁଠୁ ସୁନ୍ଦରୀ ମଧୁବାଲା ଜୀ । ମୁଁ ଜାଣେ ଯେ ତାଙ୍କୁ ନେଇ କିଛି ଫିଲ୍ମ ଘୋଷଣା ହୋଇଛି । କିନ୍ତୁ ସେଗୁଡ଼ିକ ସହିତ ଏହାର କୌଣସି ସମ୍ପର୍କ ନାହିଁ । ପ୍ରତିଦିନ ରାତିରେ ମୁଁ ତାଙ୍କ ଗୀତ ଶୁଣୁଥିଲି । ଆଜି ବି ପୁରୁଣା ଗୀତ କିମ୍ବା କିଛି ସାକ୍ଷାତକାର ଦେଖିବାର ସେହି ଅଭ୍ୟାସ ମୋର ଅଛି । ଏଥିରେ ମଧୁବାଲା ଓ ସ୍ମିତାଙ୍କ ସାକ୍ଷାତକାର ଥାଏ । ସେମାନେ ବହୁତ ଭଲ କହୁଥିଲେ । ଆଜି ସେମାନଙ୍କ ମଧ୍ୟରୁ କେହି ଏଠାରେ ଥାନ୍ତେ କି! କାରଣ ବହୁତ କିଛି ଦେଖିବା ଓ ଶୁଣିବା ବାକି ରହିଗଲା।' ୟାମିଙ୍କ ଅପ୍କମିଙ୍ଗ ପ୍ରୋଜେକ୍ଟରେ ଅନେକ ପାୱାର୍-ପ୍ୟାକ୍ଡ ରୋଲ୍ ରହିଛି । 'ଚୋର୍ ନିକଲ୍ କେ ଭାଗା', 'ଓଏମ୍ଜି-୨' ଓ 'ଧୂମ୍ ଧାମ୍' ସମେତ ଆହୁରି କିଛି ଫିଲ୍ମରେ ସେ ନଜର ଆସିବେ । ଖୁବ୍ଶୀଘ୍ର ଏ ବିଷୟରେ ସେ ଘୋଷଣା କରିପାରନ୍ତି । ୨୦୨୨ ୟାମିଙ୍କ ପାଇଁ ସଫଳ ବର୍ଷ ଥିଲା । 'ଏ ଥର୍ସଡେ' ଓ 'ଦସ୍ୱି' ଭଳି ଫିଲ୍ମ ପାଇଁ ସେ ଖୁବ୍ ପ୍ରଶଂସା ସାଉଁଟିଥିଲେ । ଏଗୁଡ଼ିକରେ ତାଙ୍କର ସଶକ୍ତ ଚରିତ୍ର ଦେଖି ସମସ୍ତେ ଚକିତ ହୋଇଥିଲେ । ଉଭୟ ଦର୍ଶକ ଓ ସମୀକ୍ଷକଙ୍କଠାରୁ ତାଙ୍କୁ ଖୁବ୍ ପ୍ରଶଂସା ମିଳିଥିଲା । ସେତିକି ନୁହେଁ, ତାଙ୍କ ଅଭିନୀତ ଫିଲ୍ମ 'ଲଷ୍ଟ' ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଗୋଟିଏ ପରେ ଗୋଟିଏ ବଳିଷ୍ଠ କାହାଣୀ ସହିତ ପରଦାକୁ ଓହ୍ଲାଉଥିବା ୟାମି ଏଣିକି ଭିନ୍ନ ଧରଣର ଫିଲ୍ମରେ କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ଓସ୍କାର ପାଇଁ ୫ ଭାରତୀୟ ଫିଲ୍ମ ମନୋନୀତ

ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି) : : ଫିଲ୍ମ ଜଗତରେ ସର୍ବଶ୍ରେଷ୍ଠ ସମ୍ମାନ ଓସ୍କାର ଆୱାର୍ଡ ପାଇଁ ୫ ଭାରତୀୟ ଫିଲ୍ମ ମନୋନୀତ । ଭିନ୍ନ ଭିନ୍ନ ବର୍ଗରେ ଓସ୍କାର ପୁରସ୍କାର ପାଇଁ ସ୍ଥାନ ପାଇଛି ଚଳଚ୍ଚିତ୍ର । ସର୍ବଶ୍ରେଷ୍ଠ ଫିଲ୍ମ ସମ୍ମାନ ପାଇଁ ଛେଲ୍ଲୋ ଶୋ, ଆରଆରଆର, ଗଙ୍ଗୁବାଇ କାଠିଆୱାଡି, ଦି କାଶ୍ମୀର ଫାଇଲ୍ ଓ କାନ୍ତରା ନୋମିନେସନରେ ସାମିଲ ହୋଇଛି । ତେବେ କ'ଣ ଏହି ୫ ଫିଲ୍ମ ଏବଂ କେଉଁ ବିଷୟ ଉପରେ ଆଧାରିତ ଆସନ୍ତୁ ଜାଣିବା । ଏକାଡେମିକ ଅଫ୍ ମୋସନ ପିକ୍ଚର ଆର୍ଟ ଆଣ୍ଡ ସାଇନସିଜ୍ କ୍ୱାଲିଫାଇଡ୍ ପାଇଁ ୩୦୧ ଫିଲ୍ମର ଲିଷ୍ଟ୍ ଜାରି କରାଯାଇଛି । ପ୍ରଥମ ଥର ପାଇଁ ଭାରତୀୟ ଫିଲ୍ମକୁ ୫ଟି ବର୍ଗରେ ସର୍ଟଲିଷ୍ଟ କରାଯାଇଛି ।ଏହି ଫିଲ୍ମ ନୋମିନେସନ ପାଇଁ ୧୨-୧୭ ଜାନୁଆରୀ ପର୍ଯ୍ୟନ୍ତ ଭୋଟିଂ ହେବ । ଏହା ପରେ ଜାନୁଆରୀ ୨୪ ତାରିଖରେ ଅନ୍ତିମ ଲିଷ୍ଟ ଜାରି କରାଯାଇଛି । ଯାହା ଉପରେ ସମସ୍ତଙ୍କ ନଜର ରହିଛି ।





***'ଛେଲ୍ଲୋ ଶୋ':*** ଗୁଜରାଟୀ ଫିଲ୍ମ ଛେଲ୍ଲୋ ଶୋ'କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ବର୍ଗରେ ସାମିଲ କରାଯାଇଛି । ଏହି ଫିଲ୍ମ ଅର୍ଥ ହେଉଛି 'ଦି ଲିଷ୍ଟ ଶୋ'। ଏହାକୁ ପେନ୍ ନଳିନ ନିର୍ଦ୍ଦେଶନା ଦେଇଛନ୍ତି । ଭାବିନ୍ ରବାଡି ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ୨୦୨୨ ଅକ୍ଟୋବର ମାସରେ ଏହି ରିଲିଜ୍ ହୋଇଥିଲା ।

***ଆରଆରଆର ଫିଲ୍ମ:*** ୨୦୨୨ ମାର୍ଚ୍ଚ ମାସରେ ରିଲିଜ୍ ହୋଇଥିଲା ବ୍ଲକବ୍ଲଷ୍ଟର ଫିଲ୍ମ ଆରଆରଆର । କେବଳ ଦେଶ ଭିତରେ ବିଦେଶରେ ମଧ୍ୟ ଧମାଲ ମଚାଇଥିଲା। ଏସଏସରାଜା ମୌଳିଙ୍କ ଏହି ଫିଲ୍ମ । ବକ୍ସ ଅଫିସରେ ୧୨୦୦ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଆରଆରଆର । ଏହି ଫିଲ୍ମ 'ଗୋଲ୍ଡେନ୍ ଗ୍ଲୋବ ୨୦୨୩' ମନୋନିତ ହୋଇଛି । ଫିଲ୍ମର ତେଲଗୁ ଗୀତ ନାଟୁ ନାଟୁକୁ ଶ୍ରେଷ୍ଠ ଗୀତ ଭାବେ ମନୋନିତ ହୋଇ 'ଗୋଲ୍ଡେନ୍ ଗ୍ଲୋବ ୨୦୨୩' ସମ୍ମାନ ମିଳିଛି । ସାଉଥ୍ ସୁପର ଷ୍ଟାର ରାମଚରଣ ଏବଂ ଜୁନିୟର ଏଣ୍ଟିଆର୍ ଫିଲ୍ମର ମୁଖ୍ୟଭୂମିକାରେ ରହିଛନ୍ତି । ନିର୍ଦ୍ଦେଶକ ଏସଏସରାଜା ମୌଳିଙ୍କ ଆରଆରଆର ଫିଲ୍ମ ବ୍ରିଟିଶ ଶାସନ ସମୟର ରାଷ୍ଟ୍ରବାଦ ଓ ଭ୍ରଷ୍ଟାଚାରକୁ ନେଇ ଆଧାରିତ ।

***ଗଙ୍ଗୁବାଇ କାଠିଆୱାଡି:*** ସଞ୍ଜୟ ଲୀଲା ବଂଶାଲିଙ୍କ ଗଙ୍ଗୁବାଇ କାଠିଆୱାଡି ଚଳଚ୍ଚିତ୍ର ରିମାଇଣ୍ଡର୍ ତାଲିକାରେ ସ୍ଥାନ ପାଇଛି । ଫିଲ୍ମରେ ଆଲିଆ ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ୨୦୨୨ ଫେବ୍ରୁଆରୀ ୨୫ ତାରିଖରେ ଏହି ଫିଲ୍ମ ରିଲିଜ୍ ହୋଇଥିଲା । ଚଳଚ୍ଚିତ୍ରରେ ଆଲିଆଙ୍କ ଅଭିନୟକୁ ପସନ୍ଦ କରିଥିଲେ ଦର୍ଶକ ।

***ଦି କାଶ୍ମୀର ଫାଇଲ୍:*** ବିବେକ୍ ଅଗ୍ନିହୋତ୍ରୀଙ୍କ ଦି କାଶ୍ମୀର ଫାଇଲ୍ ଜାମ୍ମୁ-କାଶ୍ମୀରରେ ଉଗ୍ରବାଦ ଅତ୍ୟାଚାରକୁ ନେଇ ଆଧାରିତ । ୨୦୨୨ ମାର୍ଚ୍ଚ ୧୧ ତାରିଖରେ ବକ୍ସ ଅଫିସରେ ରିଲିଜ୍ ହୋଇଥିବା ଏହି ଫିଲ୍ମ ଆରମ୍ଭରୁ ବିବାଦ ଭିତରେ ରହିଥିଲା । ହେଲେ ଅଖଣ୍ଡ ଭାରତରେ ଏହି ଫିଲ୍ମ ଲୋକେ ପସନ୍ଦ କରିଥିଲେ । ଏହି ଫିଲ୍ମକୁ ମଧ୍ୟ ଓସ୍କାର ପୁରସ୍କାର ରିମାଇଣ୍ଡର ଲିଷ୍ଟରେ ରଖାଯାଇଛି ।

***କାନ୍ତରା:*** କେରଳର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ପରମ୍ପରାକୁ ନେଇ ଆଧାରିତ କାନ୍ତରା ଚଳଚ୍ଚିତ୍ର । ଏହାକୁ ଋଷଭ ସେଟ୍ଟୀ ନିର୍ଦ୍ଦେଶନା ଦେବା ସହିତ ଅଭିୟନ ମଧ୍ୟ କରିଛନ୍ତି । ଏହି ରିଜିଜ୍ ହେବା ଦିନ ଠାରୁ ଦର୍ଶକଙ୍କ ମନ ଜିତି ପାରିବାରେ ସଫଳ ହୋଇଥିଲା । ଫିଲ୍ମ ବ୍ୟବସାୟରେ ମଧ୍ୟ ରେକର୍ଡ କରିଥିଲା । ଏହି ଚଳଚ୍ଚିତ୍ର ଶ୍ରେଷ୍ଠ ଅଭିନୟ ଓ ଶ୍ରେଷ୍ଠ ଫିଲ୍ମ ବର୍ଗରେ ନୋମିନେସନ ହୋଇଛି । ଭାରତରୁ ଛେଲ୍ଲୋ ଶୋ, ଦି କାଶ୍ମୀର ଫାଇଲ୍, ମି ବସନ୍ତରାଵ, ତୁଝ୍ୟା ସାଠୀ କାହୀ, ରାକେଟରୀ ଦ ନମ୍ବି ଇଫେକ୍ଟ, ଇରାବିନ ନିଝାଲ ଏବଂ ବିକ୍ରାନ୍ତ ରୋନା ଫିଲ୍ମ କୁ ଓସ୍କାର ପାଇଁ ପଠାଯାଇଛି ।

